## ସଂକ୍ଷେପରେ

### ‘ଭାଷାର ସୁରକ୍ଷା ପାଇଁ ଯତ୍ନଶୀଳ ହୁଅ’



ତାଳଚେର,୨୦।୨(ନି.ପ୍ର.) ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦିବାକର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହିଙ୍ଗୁଳା ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ସନ୍ତୋଷ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପ ସଭାପତି ଭୀମସେନ ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମା’, ମାତୃଭୂମି ଓ ମାତୃଭାଷାକୁ ପ୍ରତ୍ୟେକ ବ୍ୟକ୍ତି ସମ୍ମାନ ଦେବା ସହ ସୁରକ୍ଷା ପାଇଁ ସମସ୍ତେ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଚାର୍ଯ୍ୟ ଶରତ ଚନ୍ଦ୍ର ଦାସ, ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ, ଆଚାର୍ଯ୍ୟା ପ୍ରିୟଙ୍କା ବେହେରା, ଆଚାର୍ଯ୍ୟ ମଳୟ କୁମାର ଦାସ ଉପସ୍ଥିତ ଥିଲେ।

### ତାଳଚେର ସ୍ୱାସ୍ଥ୍ୟକେନ୍ଦ୍ରରେ ଅଜଣା ମୃତଦେହ

କଣିହାଁ, ୨୦।୨(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ଶିପୁର ଗ୍ରାମଠାରେ ବୁଧବାର ରାତି ପ୍ରାୟ ୧୦ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିଚୟ ଗୁରୁବାର ସୁଦ୍ଧା ଜଣାପଡି ନ ଥିବାବେଳେ ସମଲ ଥାନା ପୋଲିସ ମୃତଦେହ ଜବତ କରି ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଥାନା ଆଇଆଇସି ଚାରୁଲତା ବେହେରାଙ୍କୁ ଯୋଗାଯୋଗ କରିବାରେ କହିଛନ୍ତି, ମୃତଦେହ ଜବତ ପରେ ପଞ୍ଚନାମା କରାଯାଇଛି। ନଂ. ୩୩/୨୦ରେ ମାମଲା ରୁଜୁ ହୋଇଛି। ତଦନ୍ତ ବେଳେ ମୃତକଙ୍କ ପକେଟରୁ ୧୦ ଟଙ୍କିଆ ନୋଟ ସହ ଖଇନି ପୁଡିଆ ମିଳିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ଚିହ୍ନଟ ପାଇଁ ଉପଖଣ୍ଡ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ୭୨ ଘଣ୍ଟା ପରେ ନିୟମାନୁଯାୟୀ ଉଚ୍ଚ ଅଧିକାରୀଙ୍କ ପରାମର୍ଶ କ୍ରମେ ପଦକ୍ଷେପ ନିଆଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ।

# ତାଲିମରେ ସ୍ଥାନୀୟ ପିଲାଙ୍କୁ ଗୁରୁତ୍ୱ ଦିଅ

**ଅନୁଗୋଳ ଅଫିସ, ୨୦।୨**

## ଜାତୀୟ ଆପ୍ରେଣ୍ଟିଶିପ୍ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା



ବୈଠକରେ ଜିଲାପାଳଙ୍କ ସହ ଡିଟିଇଟି, ବିଭିନ୍ନ ଶିଳ୍ପ ସଂସ୍ଥା ଓ ତାଲିମ ପ୍ରଦାନକାରୀ ଅନୁଷ୍ଠାନର କର୍ମକର୍ତ୍ତାମାନେ।

ବୈଷୟିକ ଶିକ୍ଷା ଗ୍ରହଣ କରିଥିବା ପିଲାମାନଙ୍କୁ ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଶିଳ୍ପସଂସ୍ଥାରେ ଆପ୍ରେଣ୍ଟିସ୍ ତାଲିମ ଦେବା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୁରୁବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ପାଇଁ ହୋଇଥିବା ଏହି ବୈଠକରେ ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ (ଡିଟିଇଟି) କଟକ କର୍ମକର୍ତ୍ତାଙ୍କ ସମେତ ଜିଲାର ବିଭିନ୍ନ ଶିଳ୍ପ ସଂସ୍ଥା ଓ ତାଲିମ ପ୍ରଦାନକାରୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

ଅନୁଗୋଳ ଜିଲାର ବିଭିନ୍ନ ଶିଳ୍ପସଂସ୍ଥାରେ ବିସ୍ଥାପିତ ହୋଇଥିବା ପରିବାର ସଦସ୍ୟଙ୍କୁ ସମ୍ପୃକ୍ତ ସଂସ୍ଥାରେ ଚାକିରି ଦିଆଯାଉଥିବାରୁ ଆପ୍ରେଣ୍ଟିସ୍ ତାଲିମକୁ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ବିଭିନ୍ନ ବୈଷୟିକ ଅନୁଷ୍ଠାନରୁ ପାଠପଢ଼ା ସମ୍ପୂର୍ଣ୍ଣ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନୁଗୋଳର ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ତାଲିମ ଦେବାକୁ ସେ ପରାମର୍ଶ ଦେଇଥିଲେ। ଶିଳ୍ପସଂସ୍ଥା ଗୁଡ଼ିକ ସେମାନଙ୍କ ସମୁଦାୟ କର୍ମଚାରୀ ସଂଖ୍ୟାର ୨.୫ ପ୍ରତିଶତ ହିସାବରେ ଆପ୍ରେଣ୍ଟିସ୍ ତାଲିମ ଦେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଶିଳ୍ପ ସଂସ୍ଥା ଓ ବିଭିନ୍ନ ବୈଷୟିକ ବିଭାଗର ଛାତ୍ରୀଛାତ୍ର ପୋର୍ଟାଲରେ ପଞ୍ଜୀକୃତ କରିବା ସମୟରେ ଅନେକ ସମସ୍ୟା ସୃଷ୍ଟି ହେଉଥିବାରୁ ଏହି କାର୍ଯ୍ୟକ୍ରମର ଅଗ୍ରଗତି ହୋଇପାରୁନାହିଁ। ଆସନ୍ତା ମାର୍ଚ୍ଚ ୧୯ରେ ଓ.ପି. ଜିନ୍ଦଲ ଆଇଟିଆଇରେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଭୟ ଶିଳ୍ପ ସଂସ୍ଥା ଓ ବୈଷୟିକ ତାଲିମ ସଂସ୍ଥାର କର୍ମକର୍ତ୍ତା ଭାଗ ନେଇ ଏହାର ଠିକ୍ କାର୍ଯ୍ୟକାରିତା ଉପରେ ସଚେତନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ବିଶେଷଜ୍ଞମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ଆପ୍ରେଣ୍ଟିସ୍ ତାଲିମ ପାଇଁ ପୋର୍ଟାଲରେ ପଞ୍ଜୀକରଣ ନିମନ୍ତେ ବିଭିନ୍ନ ବୈଷୟିକ ମାର୍ଗ ଦେଖାଇବେ। ଏଥିପାଇଁ ସମସ୍ତ ଶିଳ୍ପ ସଂସ୍ଥା ଆସନ୍ତା ୭ ଦିନ ମଧ୍ୟରେ ସେମାନଙ୍କ କାର୍ଯ୍ୟରତ କର୍ମଚାରୀ ତାଲିକା ଜିଲା ନିଯୋଜନ ଅଧିକାରୀ ତଥା ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ଥିବା ମାନସ ମହାନ୍ତିଙ୍କୁ ପ୍ରଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ କଟକର ଉପନିର୍ଦ୍ଦେଶକ ବି.ସି. ସାହୁ କହିଥିଲେ, ପଞ୍ଚମରୁ ଦଶମ ଓ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କୁ ଫ୍ରେଶର୍ ଭାବେ ଆଧାର ସଦୃଶ ତାଲିମ ପ୍ରଦାନ କରାଯିବ। ଆଇଟିଆଇ ଓ ଡିପ୍ଲୋମା ଛାତ୍ରୀଛାତ୍ରମାନଙ୍କୁ ନିର୍ଦ୍ଦିଷ୍ଟ ଭାବେ ଚାକିରି ପୂର୍ବବର୍ତ୍ତୀ ତାଲିମ ଓ କିଛି ବୈଷୟିକ ଛାତ୍ରୀଛାତ୍ର ନିଜ ଇଚ୍ଛା ମୁତାବକ ଟ୍ରେଡ ବା ବିଭାଗରେ ଏହି ତାଲିମ ନେଇପାରିବେ। ବର୍ତ୍ତମାନ ସୁଦ୍ଧା ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଆପ୍ରେଣ୍ଟିସ୍ ତାଲିମ ସରକାରୀ ଉଦ୍ୟୋଗରେ ଦିଆଯାଇଥିବା ଜିଲା ନିଯୋଜନ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ରଜନୀକାନ୍ତ ସ୍ୱାଇଁ, ରାଜ୍ୟ ଆପ୍ରେଣ୍ଟିସ୍ ସେଲ୍‌ର ପ୍ରତିନିଧି ବି.ପି. ପ୍ରଧାନଙ୍କ ସମେତ ବିଭିନ୍ନ ବୈଷୟିକ ଶିକ୍ଷା ଅନୁଷ୍ଠାନ ଓ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ମହେନ୍ଦ୍ର ଧରିପାରନ୍ତି ଅନୁଗୋଳ ବିଜେଡି ମଙ୍ଗ

**ଅନୁଗୋଳ ଅଫିସ, ୨୦।୨**

ବରିଷ୍ଠ ଓକିଲ ତଥା ଅନୁଗୋଳ ପୌରପାଳିକା ବିଜେଡି ସଭାପତି ଥିବା ମହେନ୍ଦ୍ର ବସ୍ତିଆ ଅନୁଗୋଳ ଜିଲା ବିଜେଡି ମଙ୍ଗ ଧରିପାରନ୍ତି। ଦଳ ତାଙ୍କୁ ଅନୁଗୋଳ ଜିଲା ସଭାପତି ଦାୟିତ୍ୱ ଦେଇପାରେ ବୋଲି ଗୁରୁବାର ସହରରେ ଜୋରଦାର ଚର୍ଚ୍ଚା ହେଉଛି। ଏପରି କି ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ପୁଅ ଅରୁନାଭ ସିଂ ନିଜେ ମହେନ୍ଦ୍ରଙ୍କୁ ଏକ ଫୁଲତୋଡ଼ା ଦେଉଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ପରେ ତାହା ଉକ୍ତ ଚର୍ଚ୍ଚାକୁ ଆହୁରି ଖୋରାକ୍ ଯୋଗାଇଛି। କିନ୍ତୁ ଏ ନେଇ ବିଜେଡି ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ କୌଣସି ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ଏ ସମ୍ପର୍କରେ ମହେନ୍ଦ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦଳ ପକ୍ଷରୁ କୌଣସି ଘୋଷଣା ହୋଇନାହିଁ। ସାଙ୍ଗଠନିକ ଭାବେ ତାଙ୍କ ସମ୍ପର୍କରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ହାଇକମାଣ୍ଡଙ୍କ ନିକଟରେ ମୋ ନାମ ଚର୍ଚ୍ଚା ହୋଇଥିବାରୁ ଅରୁନାଭ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିବା ମହେନ୍ଦ୍ର ପ୍ରକାଶ କରିଛନ୍ତି।

## ଅରୁନାଭଙ୍କ ଫଟୋ ପୋଷ୍ଟକୁ ନେଇ ଜୋରଦାର ଚର୍ଚ୍ଚା




ସୋସିଆଲ ମିଡିଆରେ ବିଧାୟକଙ୍କ ପୁଅ ଅରୁନାଭ ମହେନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଉଥିବାର ଫଟୋ।

# ପରିବେଶଶିକ୍ଷା ସମ୍ପର୍କିତ ଆଲୋଚନାଚକ୍ର

**ଅନୁଗୋଳ ଅଫିସ, ୨୦।୨**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ତ୍ତୃପକ୍ଷ।

ଅନୁଗୋଳ ମହିଳା ମହାବିଦ୍ୟାଳୟରେ ଶିକ୍ଷା ସମ୍ମାନ ବିଭାଗ ଆନୁକୂଲ୍ୟରେ ପରିବେଶ ଶିକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସଙ୍ଗୀତା ଦାସ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରଧାପକ ଡ. ପୂର୍ଣ୍ଣଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସ୍ୱଚ୍ଛସଲୀଳା ମହାପାତ୍ର ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ କହିଥିଲେ ଯେ, ଶିକ୍ଷା ପରିବେଶ ବିଷୟରେ, ପରିବେଶ ମାଧ୍ୟମରେ ଓ ପରିବେଶ ପାଇଁ ସଚେତନତା ସୃଷ୍ଟି କରେ। ବିଭାଗର ଅନ୍ୟତମ ଅଧ୍ୟାପିକା ଅପରାଜିତା ପ୍ରମାଣିକ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷା ବିଭାଗର ତୃତୀୟ ବର୍ଷ ଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦାନ କରିଥିଲେ। ଛାତ୍ରୀ ଅନୁରାଧା ପରିଡ଼ା, ଦୀପ୍ତିମୟୀ ସାହୁ, ସୁନିତା ସାହୁ, ଶୁଭଶ୍ରୀ ଧଳ ଓ ଗୀତାଞ୍ଜଳି ସାହୁ ନିବନ୍ଧ ପାଠ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ



**କଣିହାଁ, ୨୦।୨(ଡି.ଏନ.ଏ.)**

କଣିହାଁ ବ୍ଲକ କଣିହାଁ ଗ୍ରାମରେ ନବନିର୍ମିତ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ଓ ଶିବଲିଙ୍ଗ ପ୍ରତିଷ୍ଠା ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ଗୁରୁବାର କଳସ ଯାତ୍ରା, ପ୍ରତିଷ୍ଠା କର୍ମ, ଶୁକ୍ରବାର ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା, ଓଡ଼ିଶୀ ନାମ ସଂକୀର୍ତ୍ତନ, ଶନିବାର ସୂର୍ଯ୍ୟପୂଜା ସହ ମନ୍ଦିରରେ ଲିଙ୍ଗ ସ୍ଥାପନ, ଦିଅଁ ପ୍ରବେଶ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଡକାୟତି ଯୋଜନା ବେଳେ ୫ ଗିରଫ

**ତାଳଚେର,୨୦।୨(ନି.ପ୍ର.)**



ଗିରଫ ୫ ଦୁର୍ବୃତ୍ତଙ୍କୁ ପୋଲିସ ହାଜର କରାଇଛି।

ତାଳଚେର ବ୍ଲକ ବାଲୁଙ୍ଗା ଯାତ୍ରା ପଡିଆରେ ବସି ବୁଧବାର ରାତିରେ ଡକାୟତି ଯୋଜନା କରୁଥିବା ୫ ଦୁର୍ବୃତ୍ତଙ୍କୁ ତାଳଚେର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଝରଣବାହାଳର ନନ୍ଦୁ ଓରଫ ଅରବିନ୍ଦ ନାଏକ (୨୨), କୁଆଲୁ ଗ୍ରାମର ଟିଣ୍ଟୁ ଓରଫ ରାକେଶ ସାହୁ (୨୦), ଖମାର ଥାନା ବଡସୋଡାର ପିଣ୍ଟୁ ଓରଫ ଶ୍ରୀକାନ୍ତ ନାଏକ (୨୧), ତାଳଚେର ଥାନା ଷଣ୍ଢ ଗାଁର ଜୁନା ଓରଫ ସନ୍ଦୀପ ନାଏକ, ମୋଟଙ୍ଗା ଥାନା ମେରାମଣ୍ଡଳୀର ସୁନୀଲ ଓରଫ ଶୁଭମ୍ ଭଞ୍ଜ। ପୋଲିସ ସେମାନଙ୍କ ଠାରୁ ଗୋଟିଏ କାର, ଗୋଟିଏ ଲୁହା ରଡ, ଦୁଇଟି ଭୁଜାଲି, ଗୋଟିଏ ବଡ କାତି, ୬ଟି ମୋବାଇଲ ଓ ମୁଖା ଜବତ କରିଛି। ଦୁର୍ବୃତ୍ତମାନେ କୋଲ୍ କରିଡର ରାସ୍ତାରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୬୭/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ବାସନ୍ତୀ ଦୁର୍ଗା ପୂଜା ପ୍ରସ୍ତୁତି

**ଅନୁଗୋଳ ଅଫିସ, ୨୦।୨:** ଅନୁଗୋଳ ହେମସୁରପଡ଼ା ଜଗନ୍ନାଥ ମନ୍ଦିର ପରିସରରେ ମା’ ବାସନ୍ତୀ ଦୁର୍ଗାପୂଜା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ମାର୍ଚ୍ଚ ୩୦ରୁ ୫ ଦିନ ବ୍ୟାପି ହେବାକୁ ଥିବା ବାସନ୍ତୀ ଦୁର୍ଗା ପୂଜା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ବିଭିନ୍ନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରକ୍ତଦାନ ଶିବିର, ସାମୂହିକ ଦାଣ୍ଡିଆ, ଭଜନ ସନ୍ଧ୍ୟା, ମେଲୋଡି, ଚିତ୍ରକଳା ପ୍ରଦର୍ଶନୀ ଆଦି ଏହି ଅବସରରେ ଆୟୋଜିତ ହେବ ବୋଲି ସ୍ଥିର ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ଅନୁପ କୁମାର ମହାନ୍ତି, ଉପସଭାପତି ଯତିନ ସେଠୀ, କୋଷାଧ୍ୟକ୍ଷ ତାପସ ରଞ୍ଜନ ରାୟ, ରଶ୍ମିରଞ୍ଜନ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ ଦେବତା, ଅନିଲ ପଟ୍ଟନାୟକ, ବ୍ରଜକିଶୋର ଦଳବେହେରା, ମନୁ ପ୍ରଧାନ, ସମ୍ବିତ ପ୍ରଧାନ, ପ୍ରତାପ ମାଝି, ବିଜୁ ରାଉତ, ବାପୁ ଭଞ୍ଜ, ସିପୁ ପଟ୍ଟନାୟକ, ପୁପୁ ପଟ୍ଟନାୟକ, ସୁକାନ୍ତ ସିଂହ, ଶିବ, ଗୁଲୁ, ହାପି, ଟୁଟୁ ପୃଷ୍ଟି, ବଳ, ଦୀପୁ, ସିପୁ ପ୍ରମୁଖ ଉପସ୍ଥିତ ଥିଲେ।




**ପୂର୍ବ ତଟ ରେଳପଥ**

**ବୁଢ଼ାପଙ୍କ-ତାଳଚେର ଷ୍ଟେସନ ମଧ୍ୟରେ ଜଗୁଆଳୀଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନୀନ ସୂଚନା**

ଜୁଲାଇ-2018 ରେ କରାଯାଇଥିବା ଗଣନା ଅନୁଯାୟୀ ଖୋର୍ଦ୍ଧା ରୋଡ୍ ମଣ୍ଡଳର ନିମ୍ନବର୍ଣ୍ଣିତ “C” ଶ୍ରେଣୀ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକ ଅଧିକାଂଶ ସମୟରେ ବନ୍ଦ ସ୍ଥିତିରେ ରହିବା ସହିତ ନଗଣ୍ୟ ସଡ଼କ ଯାତାୟତ ହେବା କାରଣରୁ ଏହାକୁ ତତ୍କାଳ ବନ୍ଦ କରିବାକୁ ପ୍ରସ୍ତାବ ରଖାଯାଇଛି।
ତେଣୁ ନିମ୍ନ ପ୍ରଦତ୍ତ ପ୍ରହରୀ ବିହୀନ ଲେଭେଲ କ୍ରସିଙ୍ଗ୍‌କୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ତୁରନ୍ତ ବନ୍ଦ କରି ଦିଆଯିବ।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ୍ କ୍ରସିଙ୍ଗ୍ ସଂଖ୍ୟା | LCର ରେଳ କିଲୋମିଟର |
|---|---|---|---|
| D-Spl | ବୁଢ଼ାପଙ୍କ-ତାଳଚେର | CT-76 | 485/31-33 |

ପତ୍ର ସଂ.137/G&M, ତା. 24.01.2020 ରିଖ ଦ୍ୱାରା କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଅନୁଗୋଳ ଅନୁମତି ପ୍ରଦାନ କରିସାରିଛନ୍ତି ଏବଂ ପତ୍ର ସଂ.W-4/351/A/Pt-VIII/1039, ତା.05.02.2020ରିଖ ଦ୍ୱାରା ପ୍ରମୁଖ ମୁଖ୍ୟ ଯନ୍ତ୍ରୀ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ତାଙ୍କର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିସାରିଛନ୍ତି।

PR-715/K/19-20 — ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ)/ଖୋର୍ଦ୍ଧା ରୋଡ୍






**ରେଳ ବିକାଶ ନିଗମ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରାବନ୍ଧୀକ ସଂସ୍ଥା)
ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ରେଳ ବିକାଶ ନିଗମ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: RVNL/BBS/HDS-PRDP/CPM-II/11443 ତାରିଖ: 20.02.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହରିଦାସପୁର ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପ୍ରସ୍ତାବିତ ନିର୍ମାଣାଧୀନ ରେଳ ପ୍ରକଳ୍ପ ନିମନ୍ତେ, **କେନ୍ଦ୍ରାପଡ଼ା ଜିଲ୍ଲା, ମାର୍ଶାଘାଇ ତହସିଲର ଦୁମୁକା ଗ୍ରାମର ଶ୍ରୀ ଅରୁଣ କୁମାର ଦାସଙ୍କ, ଖାତା ନଂ.386 (ଜମାବନ୍ଦୀ), ପ୍ଲଟ ନଂ.1137, ଏକର 0.050** ଘରବାରି, **ଦୁମୁକା ଗ୍ରାମର ଶ୍ରୀ ରବିନ୍ଦ୍ର ନାଥ ଦାସଙ୍କ, ଖାତା ନଂ.88, ପ୍ଲଟ ନଂ.1138, ଏକର 0.020** ଘରବାରି, **ଦୁମୁକା ଗ୍ରାମର ଶ୍ରୀ ଅଶୋକ କୁମାର ନାୟକଙ୍କ, ଖାତା ନଂ.169, ପ୍ଲଟ ନଂ.1149, ଏକର 0.040** ଘରବାରି ଏବଂ **ଦୁମୁକା ଗ୍ରାମର ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ, ଖାତା ନଂ.2286, ପ୍ଲଟ ନଂ.1133, ଏକର 0.090** ଘରବାରି ନିମ୍ନ ଅଧିକାରୀଙ୍କ ଦ୍ୱାରା ସିଧାସଳଖ ଭାବେ କ୍ରୟ କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।
ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ବ୍ୟକ୍ତି ବିଶେଷ ଉକ୍ତ ଜମିର ମାଲିକ ଭାବରେ ନିଜକୁ ଦାବି କରୁଛନ୍ତି, ଏଣୁ ଉପରୋକ୍ତ ପ୍ରଦତ୍ତ କୌଣସି ଜମିର ଖାତାରୟତ ଏବଂ ତଦ୍‌ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧. ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ଙ୍କ କାର୍ଯ୍ୟାଳୟ, ରେଳ ବିକାଶ ନିଗମ ଲିମିଟେଡ୍, ରେଳ ବିହାର,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩
୨. ପରିଚାଳନା ନିର୍ଦ୍ଦେଶକ, ହରିଦାସପୁର-ପାରଦ୍ୱୀପ ରେଳପଥ କମ୍ପାନୀ କାର୍ଯ୍ୟାଳୟ, ପଲ୍‌ହାଇଟ୍, ଜୟଦେବ ବିହାର, ଭୁବନେଶ୍ୱର-୨୩
୩. ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ା

ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ଭୁବନେଶ୍ୱର
ଫୋନ୍: (0674)2300506,2300483, 2300643,
ଫାକ୍ସ : (0674) 2303798



No. 21-TT:-

**ବିଶ୍ୱ ମାତୃଭାଷା ଦିବସ**

**ଫେବ୍ରୁଆରୀ ୨୧ ତାରିଖ**

“ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ”
-ଭକ୍ତକବି ମଧୁସୂଦନ ରାଓ

ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ।
ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଓ ଅନନ୍ୟ।
ସବୁ କ୍ଷେତ୍ରରେ ଗର୍ବର ସହ ଆମ ମାତୃଭାଷା ବ୍ୟବହାର କରିବା।

**ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ**

**ଓଡ଼ିଆ ଭାଷା ପ୍ରତିଷ୍ଠାନ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪,
ଇମେଲ୍ : odiabhasa@nic.in
OIPR-27009/11/0002/1920

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବସ୍ତା, ୨୦।୨(ଡି.ଏନ.ଏ.)-ବସ୍ତା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗାଁର ସୁରେନ୍ଦ୍ର ପ୍ରଧାନଙ୍କ ଦେଢ଼ବର୍ଷର ଝିଅ ଗୁରୁବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଝିଅଟି ସମସ୍ତଙ୍କ ଅଗୋଚରରେ ପୋଖରୀରେ ଖସିପଡ଼ିଥିଲେ। ବହୁ ସମୟ ଖୋଜାଖୋଜି ପରେ ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ବସ୍ତା ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲେଶ୍ୱର ଅଫିସ, ୨୦।୨:** ବାଲେଶ୍ୱର ଜିଲା ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ପରିସରରେ ଥିବା ୟୁନିଅନ୍ ଅଫିସ୍ ପଛପଟେ ଜଣେ ଅଜଣା ଯୁବକଙ୍କ ମୃତଦେହ ଗୁରୁବାର ପୋଲିସ ଉଦ୍ଧାର କରିଛି। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬/୨୦) ରୁଜୁ କରାଯାଇଛି। ମୃତଦେହକୁ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ବୋଲି ସବ୍‌ଇନ୍ସପେକ୍ଟର ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି।

### ଡମ୍ପର ଓଲଟି ଚାଳକ ମୃତ

**ରାଇରଙ୍ଗପୁର,୨୦।୨(ଡି.ଏନ୍.ଏ.):** ବଦଲଦା ଥାନା ଅଧୀନ ୨୨୦ ନଂ. ଜାତୀୟ ରାଜପଥର କାଦୁଆଣିଠାରେ ଗୁରୁବାର ରାତିରେ ଏକ ବାଲି ବୋଝେଇ ଡମ୍ପର (ଓଆର୦୯ଏଚ-୩୯୯୩) ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ପିଆଶାଳ ପଟା ଜବତ: ଅଭିଯୁକ୍ତ ଗିରଫ



**କପ୍ତିପଦା,୨୦।୨(ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ କଳମଗଡ଼ିଆ ଛକ ନିକଟରୁ ପିଆଶାଳ ପଟା ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଅସୁରଖାଲ ଗ୍ରାମର ନାରା ଦେଓଗାମ। ଚୋରା କାଠ ଚାଲାଣ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ଚଢ଼ାଉ କରିଥିଲା। ଏକ ସାଇକେଲରେ ଅଭିଯୁକ୍ତ ୫ଟି ପିଆଶାଳ ପଟା ନେଇ ଆସୁଥିବା ବେଳେ ବନ ବିଭାଗ କର୍ମଚାରୀମାନେ କାଠ ଓ ସାଇକେଲକୁ ଜବତ କରିଥିଲେ। ଜବତ କାଠ ଓ ସାଇକେଲର ମୂଲ୍ୟ ଆନୁମାନିକ ୫ ହଜାର ଟଙ୍କା ହେବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହି ଚଢ଼ାଉରେ ଶାରିଶୁଆ ବନପାଳ ସୁଜିତ କୁମାର ଜେନା, ବନରକ୍ଷୀ ଅଞ୍ଜନ କୁମାର ଲେଙ୍କା ଓ ସବୁଜ ବାହିନୀର ସଦସ୍ୟମାନେ ସାମିଲ ଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

**ପରଜଙ୍ଗ/ରାସୋଳ, ୨୦।୨(ଡି.ଏନ.ଏ.)**

**ପାତିଲେ ଲୁଟେରା**
- ବାଇକ୍‌ରେ ଆସିଥିଲେ ମୁଖାଧାରୀ ଯୁବକ
- ଆକ୍ରମଣ କରି ଛଡ଼ାଇନେଲେ ଟଙ୍କା, ଗାଡ଼ି

ଢେଙ୍କାନାଳ ଜିଲାର ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କୁ ଟାର୍ଗେଟ କରିଛନ୍ତି ଲୁଟେରା ଗ୍ୟାଙ୍ଗ। ଗୁରୁବାର ବିଭିନ୍ନ ସ୍ଥାନରୁ ଏପରି ଦୁଇଟି ଘଟଣା ପଦାକୁ ଆସିଛି। ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଗଡ଼ପଳାଶୁଣୀ-କଙ୍କଡ଼ାହାଡ଼ ରାସ୍ତାର ଜରଡ଼ା ଗ୍ରାମ ନିକଟରୁ ଗୁରୁବାର ଅନ୍ନପୂର୍ଣ୍ଣା ଫାଇନାନ୍ସ ସଂସ୍ଥାର କର୍ମଚାରୀ ମାନଗୋବିନ୍ଦ ଛୋଟରାୟଙ୍କଠାରୁ ୩୬ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଛି। ସେହିପରି ଖଜୁରିଆକଟାସ୍ଥିତ ସଂସ୍ଥାର କର୍ମଚାରୀ ଦେବପ୍ରସାଦ ମହାପାତ୍ରଙ୍କ ଗାଡ଼ି ଲୁଟି ନେଇଛନ୍ତି ଦୁର୍ବୃତ୍ତ। ୩ ମୁଖାଧାରୀଙ୍କ ଏପରି କାରନାମା ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି।

ମାନଗୋବିନ୍ଦ କଙ୍କଡାହାଡ଼ ବ୍ଲକ ଦଣ୍ଡେଇମରା ଗ୍ରାମରୁ ୮,୫୬୨ଟଙ୍କା, କଣ୍ଟାପାଳରୁ ୯,୭୧୨ ଟଙ୍କା ଏବଂ ୪ ନମ୍ବର କଲୋନୀରୁ ୧୭,୮୫୦ଟଙ୍କା ଆଦାୟ କରି ଫେରୁଥିଲେ। ଏହି ସମୟରେ ବାଇକ୍‌ରେ ପିଛା କରୁଥିବା କଳାମୁଖାଧାରୀ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ଟଙ୍କା ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ। ଏ ନେଇ ମହାବିରୋଡ ଫାଣ୍ଡି ଅଧିକାରୀ ପଦ୍ମନାଭ ଲେଙ୍କା କୁହନ୍ତି, ସେ ଲୁଟ୍ ବିଷୟରେ ସୂଚନା ପାଇଛନ୍ତି। ହେଲେ ରାତି ସାଢ଼େ ୯ଟା ସୁଦ୍ଧା ବିଧିବଦ୍ଧ ଭାବେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେ ସୂଚନା ଦେଇଛନ୍ତି।

ସେହିପରି ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅଧୀନ ଖଜୁରିଆକଟାସ୍ଥିତ ଅନ୍ନପୂର୍ଣ୍ଣା ଫାଇନାନ୍ସ ସଂସ୍ଥାର କର୍ମଚାରୀ ଦେବପ୍ରସାଦଙ୍କଠାରୁ ସକାଳେ ଲୁଟ୍ ହୋଇଛି। ସେ ଦଣ୍ଡିରି ପଞ୍ଚାୟତ ତଳବହାଙ୍ଗିଆ ଗ୍ରାମରୁ ଟଙ୍କା ସଂଗ୍ରହ କରି ବାଇକ୍ (ନଂ.ଓଡି ୨୫ ଡି ୯୯୪୫)ରେ ଫେରୁଥିଲେ। ସେହି ସମୟରେ ତେଲିଭୂଇଁ ଆସିବାକୁ ଅପେକ୍ଷା କରିଥିବା ବାହଙ୍ଗିଆ ଗ୍ରାମର ବରୁଣ ନାଏକ ତାଙ୍କୁ ଲିଫ୍ଟ ମାଗି ପଛରେ ବସିଥିଲେ। ଲହଡ଼ା ଶନିମନ୍ଦିର ନିକଟରେ ଏକ ବାଇକ୍‌ରେ ୩ଜଣ ଯୁବକ ତାଙ୍କୁ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଉଭୟେ ଗାଡ଼ିରୁ ତଳେ ପଡ଼ିଯାଇଥିଲେ। ଦେବପ୍ରସାଦ ଟଙ୍କା ବ୍ୟାଗ୍ ଧରି ଲହଡ଼ା ଗ୍ରାମକୁ ଦୌଡ଼ି ପଳାଇ ଯାଇଥିବାବେଳେ ଲୁଟେରାମାନେ ବରୁଣଙ୍କଠାରୁ ୨୫୦ ଟଙ୍କା, ଏଟିଏମ୍ କାର୍ଡ, ପାନକାର୍ଡ, ମୋବାଇଲ ସହ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ବରୁଣଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏ ନେଇ ଦେବପ୍ରସାଦଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୨/୨୦ରେ ମାମଲା ରୁଜୁ କରିଛି। ରାସୋଳ ଥାନା ଅଞ୍ଚଳରେ ବାରମ୍ବାର ଏପରି ଚୋରି ହେଉଛି। ପୋଲିସର ନିଷ୍କ୍ରିୟତା ଯୋଗୁ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ସାଧାରଣରେ ଅଭିଯୋଗ ହେଉଛି। ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭାଷା ଦିବସରେ ବିଭିନ୍ନ ପ୍ରତିଯୋଗିତା



ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୨୦।୨**

ଗଁଦିଆ ବ୍ଲକ ଦେଓଗାଁସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବକ୍ତୃତା, କୁଇଜ୍, ପ୍ରବନ୍ଧ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋମନାଥ ବାରିକ, ରୋଶନ କୁମାର ସାହୁ, ଜଗଦୀଶ ପତି, ନୂତନ ଆନନ୍ଦ ପତି, ଶ୍ରୀୟା ସୁରୁଚି ଖଟୁଆ, କଲ୍ୟାଣୀ ସାହୁ ପ୍ରମୁଖ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା ପୋଲିସର କାର୍ଯ୍ୟରତ ସୁବେଦାର ଅକ୍ଷୟ କୁମାର ସ୍ୱାଇଁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## 'କାମର ରାଜନୀତିକୁ ଘରେ ଘରେ ପହଞ୍ଚାଅ'



ଖବରଦାତା ସମ୍ମିଳନୀରେ ଏଏପିର କାର୍ଯ୍ୟକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୦।୨**

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ପରେ ଓଡ଼ିଶାରେ ସଙ୍ଗଠନକୁ ସୁଦୃଢ଼ କରିବାକୁ ଅଣ୍ଟା ଭିଡ଼ିଛି ଆମ୍ ଆଦମୀ ପାର୍ଟି (ଏଏପି)। 'କାମର ରାଜନୀତି' ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାକୁ ଦଳ ପକ୍ଷରୁ ଫେବୃୟାରୀ ୨୩ରୁ ମାର୍ଚ୍ଚ ୨୩ ଯାଏ ଆରମ୍ଭ ହେଉଛି ସ୍ୱତନ୍ତ୍ର ଅଭିଯାନ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଗୁରୁବାର ରାଜ୍ୟ ସଙ୍ଗଠନ ସମ୍ପାଦକ ପଙ୍କଜ କୁମାର ନାୟକଙ୍କ ଆବାହକତ୍ୱରେ ଢେଙ୍କାନାଳରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଭିଯାନ ମାଧ୍ୟମରେ ଜିଲାର ପ୍ରତି ବ୍ଲକରେ ସଦସ୍ୟତା ଗ୍ରହଣ କରାଯିବ। ଅରବିନ୍ଦ କେଜରିୱାଲଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପାଣି ଓ ବିଜୁଳି ଆଦି ବିକାଶ ମଡେଲ ବିଷୟରେ ଲୋକଙ୍କୁ ଅବଗତ କରାଯିବ। ଜାତି ଏବଂ ଧର୍ମ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସାଧାରଣ ଜନତାଙ୍କୁ ରାଷ୍ଟ୍ର ନିର୍ମାଣ ମହାଯଜ୍ଞରେ ସାମିଲ ହେବା ପାଇଁ ଦଳ ପକ୍ଷରୁ ଆହ୍ୱାନ କରାଯାଇଛି। ଆଗାମୀ ପୌର ନିର୍ବାଚନରେ ପୌରସଂସ୍ଥା ସମେତ ସମସ୍ତ ଏନ୍‌ଏସିରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ଏହି ଅବସରରେ ଘୋଷଣା କରାଯାଇଛି।

ଅନ୍ୟମାନଙ୍କ ଜିଲା ସମ୍ପାଦକ ଚକ୍ରଧର ତରାଇ, ଜିଲା କୋଷାଧ୍ୟକ୍ଷ ପର୍ଶୁରାମ ମହାଭୋଇ, ରାଜ୍ୟ ସଂଖ୍ୟାଲଘୁ ସମ୍ପାଦକ ନୁରୁଲ ଇସ୍‌ଲାମ, କାମାକ୍ଷା ବେହେରା, କୁଞ୍ଜବିହାରୀ ଲେଙ୍କା, ମହମ୍ମଦ ଅବ୍ଦୁଲ ସିରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁ ଅଲିମ୍ପିକ କାର୍ଯ୍ୟକ୍ରମ

**ବାଲିଆପାଳ, ୨୦।୨(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକର ବିଷ୍ଣୁପୁର ପଞ୍ଚାୟତ ଅନ୍ତର୍ଗତ ନୟାବାଲିଠାରେ ବିଜୁ ଯୁବବାହିନୀ ପକ୍ଷରୁ ଗାଁ ଅଲମ୍ପିକ ଓ ରକ୍ଷକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଯୁବକମାନଙ୍କ ମଧ୍ୟରେ କ୍ରିକେଟ୍, ଭଲିବଲ ସହିତ ଯୁବତୀମାନଙ୍କ ପାଇଁ ପୁଚି ଏବଂ ସ୍କିପିଂ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଚାରୁ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ଦିନବନ୍ଧୁ ପ୍ରଧାନ ମୁଖ୍ୟଅତିଥି, ଅଜିତ ଦାସ ମୁଖ୍ୟବକ୍ତା ଏବଂ ରାଜେଶ ପ୍ରଧାନ, ଖବରଦାତା ପ୍ରଦୀପ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ବିଜୁ ଯୁବବାହିନୀର ବିଷ୍ଣୁପୁର ପଞ୍ଚାୟତ ସଭାପତି ଚନ୍ଦନ କୁମାର ଜେନା ଧନ୍ୟବାଦ ଦେଇଥିଲେ। ପଞ୍ଚାୟତ କମିଟି ସଦସ୍ୟ ମିହିର କୁମାର ଦାସ, ବିଶ୍ୱଜିତ ସାମଲ, କାହ୍ନୁଚରଣ ଦଳାଇ, ସବିତା ଦଳାଇ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ସାମାଜିକ ନ୍ୟାୟ ପ୍ରଦାନରେ ଜାତିସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ




କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ଢେଙ୍କାନାଳ ଅଫିସ, ୨୦।୨**

ଢେଙ୍କାନାଳ ରଥଗଡାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଗୁରୁବାର ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଅଧ୍ୟକ୍ଷ ଆଡ୍‌ଭୋକେଟ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପରିବେଶବିତ୍ ଉପେନ୍ଦ୍ର ରାଉତ ଯୋଗଦେଇ କହିଲେ, ସାମାଜିକ ନ୍ୟାୟ ପ୍ରଦାନରେ ଜାତିସଂଘ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାରା ବିଶ୍ୱରେ ଅର୍ଥନୀତି ଭୁଷୁଡ଼ି ପଡ଼ିଛି। ଏହି ସମୟରେ ଜାତିସଂଘ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ୟୁନିସେଫ୍ ଜରିଆରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିରଞ୍ଜନ ଦାସ କହିଲେ, କରୋନାରେ ଚାଇନାରେ ବହୁ ଜୀବନ ଗଲାଣି। ଏହାକୁ ରୋକିବା ଲାଗି ଜନସଚେତନାର ଆବଶ୍ୟକତା ରହିଥିବା ସେ ମତ ଦେଇଥିଲେ। ରାଜ୍ୟ ସମ୍ପାଦକ କବି ବାହାଦୁର ପାଟସାହାଣୀ, ଅଧ୍ୟାପକ କ୍ଷୀରୋଦ ନାୟକ, ସାମାଜିକ କର୍ମୀ ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଉଫୁନାର ମହାସଚିବ ଦୀପାୟନ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଧରଣୀଧର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ପୂର୍ବାହ୍ନରେ ଏକ ମାଲ୍ ବୋଝେଇ ମିନି ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲିଟି ପଡିଛି।

## ସାଇବର କ୍ରାଇମ୍ ସଚେତନତା ଶିବିର

**ହିନ୍ଦୋଳ, ୨୦।୨(ଡି.ଏନ.ଏ.)**




ହିନ୍ଦୋଳ ଓକିଲ ସଂଘ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ସାଇବର କ୍ରାଇମ୍ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆୟୋଜିତ ଉକ୍ତ ଶିବିରରେ କମିଟି ଅଧ୍ୟକ୍ଷା ସବ୍‌ଜଜ୍ ବର୍ଣ୍ଣାଳୀ ରଥ ଅଧ୍ୟକ୍ଷତା କରିଥିଲେ । ଏସ୍‌ଡିଜେଏମ୍ ଦେବଶ୍ରୀ ସାହୁ, ସଂଘ ସଭାପତି ଅରୁଣ କୁମାର ଦାସ, ଆଇନଜୀବୀ ପ୍ରଶାନ୍ତ କୁମାର ପତି ପ୍ରମୁଖ ଯୋଗଦେଇ ସାଇବର କ୍ରାଇମ୍‌ର ଅପକାରିତା ଏବଂ ଆଇନଗତ ସହାୟତା ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଘର ବହୁ ସଦସ୍ୟ, କୋର୍ଟ କର୍ମଚାରୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

**ଜଳେଶ୍ୱର, ୨୦।୨(ସ୍ୱ.ପ୍ର.):** ଜଳେଶ୍ୱର ଥାନା ଆମ୍ବଲିଅଠା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ସେନାପତି (୬୫) ଗୁରୁବାର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କର ପୁତ୍ର ସ୍ମୃତିରଞ୍ଜନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ରୂପେ କାର୍ଯ୍ୟ କରୁଛନ୍ତି।

# ସ୍ତ୍ରୀହନ୍ତାଙ୍କୁ ଆଜୀବନ ଜେଲ

**ଢେଙ୍କାନାଳ ଅଫିସ, ୨୦।୨**



ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳରେ ୨୦୧୮ରେ ଘଟିଥିବା ରଶ୍ମିତା ନାୟକ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାସ ଅଭିଯୁକ୍ତ ସ୍ୱାମୀ ମହେନ୍ଦ୍ର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ସରକାରୀ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଅର୍ଜ୍ଜୁନ ନାୟକଙ୍କ ଭଉଣୀ ରଶ୍ମିତା (୨୦)ଙ୍କୁ ୨୦୧୭ରେ କୁଟୁଣିଆ ଗ୍ରାମର ମହେନ୍ଦ୍ର ନାୟକ (୩୦) ବାବନ୍ଧ ଶିବ ମନ୍ଦିରରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ମହେନ୍ଦ୍ର ଯୌତୁକ ଦାବି କରି ରଶ୍ମିତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏ ନେଇ ରଶ୍ମିତା ପରିବାର ଲୋକଙ୍କ ସମେତ ସମ୍ପର୍କୀୟଙ୍କୁ ଅବଗତ କରାଇଥିଲେ। ୨୦୧୮ ଜୁନ୍ ୬ରେ ରଶ୍ମିତାଙ୍କୁ ତଣ୍ଟି ଚିପି ମହେନ୍ଦ୍ର ହତ୍ୟା କରିଥିବା ନେଇ ଅର୍ଜ୍ଜୁନ ସୂଚନା ପାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ସେହି ସମୟରେ ଥାନାରେ ନଂ. ୫୧/୨୦୧୮, ଦଫା ୪୯୮ (ଏ), ୩୦୪ (ବି), ୩୦୨ ଓ ୪ ଡିପି ଆକ୍ଟରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ସିଟି (ଏସ୍‌ଏସ୍) କେସ୍ ନଂ. ୧୪୬/୧୮ ଅନୁଯାୟୀ ୧୬ଜଣଙ୍କ ସାକ୍ଷ୍ୟପ୍ରମାଣ, ଡାକ୍ତରୀ ରିପୋର୍ଟକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

ଅଭିଯୁକ୍ତ ମହେନ୍ଦ୍ରଙ୍କୁ ଅଦାଲତ ୩୦୨ ଦଫାରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ବର୍ଷେ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ୩୦୪ (ବି)ରେ ୧୦ବର୍ଷ, ୪୯୮ (ଏ)ରେ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ୩ମାସ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ସେହିପରି ୪ ଡିପି ଆକ୍ଟରେ ବର୍ଷେ ସଶ୍ରମ କାରାଦଣ୍ଡାଦେଶ ସହ ୧ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ମାସେ ସଶ୍ରମ କାରାଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସମସ୍ତ ଦଣ୍ଡାଦେଶ ସମାନ୍ତରାଳ ଭାବେ ଲାଗୁହେବ।

## ୫୦ କି.ଗ୍ରା. ଭାଙ୍ଗ ଜବତ

**ସଜନାଗଡ଼,୨୦।୨(ଡି.ଏନ.ଏ.)**

ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୫୦ କି.ଗ୍ରା. ଭାଙ୍ଗ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ନୀଳଗିରି ଏନ୍‌ଏସି ଅଧୀନ ୮ନମ୍ବର ୱାର୍ଡ଼ର ମନୋଜ କୁମାର ପାତ୍ରଙ୍କ ଘରେ ଭାଙ୍ଗ ଥିବା ଖବରପାଇ ନୀଳଗିରି ଅବକାରୀ ବିଭାଗ ଓଆଇସି ଲକ୍ଷେ ସାଧବ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସଦଳବଳେ ଚଢ଼ାଉ କରିଥିଲେ। ମନୋଜଙ୍କ ଘରୁ ୫୦କି.ଗ୍ରା. ଭାଙ୍ଗ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଛି। ଏନେଇ ଅବକାରୀ ବିଭାଗରେ ମାମଲା (ନଂ. ୧୧୯/୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜ ଇନ୍ସପେକ୍ଟର ଜ୍ୟୋତିର୍ମୟ ପଟେଲ, କନଷ୍ଟେବଲ ଜୟମାଧବ ଦାସପଟ୍ଟନାୟକ, ବିଜୟ ମଲ୍ଲିକ, ଜୟନ୍ତୀ ଆଚାର୍ଯ୍ୟ, ହୃଷିକେଶ ବାରିକ, ଉର୍ମିଳା ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ସେଣ୍ଟ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**ସାତମାଇଲ, ୨୦।୨(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ବିଦ୍ୟୁତ୍ ବିଭାଗ ପଡ଼ିଆରେ ସ୍ଥାନୀୟ ଜାଭିୟର୍ସ ସ୍କୁଲର ୭ମ ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଚେୟାରମ୍ୟାନ ରଶ୍ମିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜନତା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଏମ୍‌ଡି ଇକ୍‌ବାଲ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଅନୁଷ୍ଠାନର ପ୍ରାଦେଶିକ ଅଧ୍ୟକ୍ଷ ଅଜିତ ମିଶ୍ର, ମହେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥିଲେ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଗୁରୁ-ଶିଷ୍ୟ ପରମ୍ପରାକୁ ସମୃଦ୍ଧ କରିବାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ପ୍ରିନ୍ସିପାଲ ଇତିଶ୍ରୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ବାଇକ୍ ସହ ଟଙ୍କା ଚୋରି

ଯୋଡ଼ା, ୨୦।୨(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ସହର ଆଜାଦବସ୍ତିର ମହୁଲଗୁଡାଠାରେ ଭଡାରେ ରହୁଥିବା ସତ୍ୟବ୍ରତ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ନଗଦ ଟଙ୍କା ଓ ଗୋଟିଏ ବାଇକ୍ ଚୋରି ହୋଇଯାଇଥିବା ନେଇ ଗୁରୁବାର ଯୋଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେ ବୁଧବାର କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ନଗଦ ୭ହଜାର ୪ଶହ ଟଙ୍କା ସହିତ ଘର ବାହାରେ ରଖାଯାଇଥିବା ତାଙ୍କର ଗୋଟିଏ ବାଇକ୍‌କୁ ଚୋରି କରିନେଇଥିଲେ। ସତ୍ୟବ୍ରତ ଘରକୁ ଫେରି ଚୋରି ସମ୍ପର୍କରେ ଜାଣିବା ପରେ ଗୁରୁବାର ଯୋଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅଜଣା ଗାଡ଼ି ଧକ୍କାରେ ଜୀବନ ଗଲା

ତେଲକୋଇ, ୨୦।୨(ଡି.ଏନ.ଏ.)-ତେଲକୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥ ଟୁଙ୍ଗୁରୁବାହାଳ ଛକରେ ଅଜଣା ଗାଡି ଧକ୍କାରେ ନାଥ ମୁଣ୍ଡାଙ୍କର ମୃତ୍ୟୁ ହୋଇଛି। ଏହି ଘଟଣା ବୁଧବାର ସନ୍ଧ୍ୟା ସମୟରେ ହୋଇଥିବା ବେଳେ ପୋଲିସ ଖବର ପାଇ ଗୁରୁବାର ମୃତଦେହ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିଛନ୍ତି। ନାଥଙ୍କ ଘର ବାଂଶପାଳ ବ୍ଲକ ଟଣ ପଞ୍ଚାୟତ ଗୋବିନ୍ଦ ପୁର ଗ୍ରାମର। ସେ ଗତ ବୁଧବାର ହାଟକୁ ଆସି ଯିବା ସମୟରେ ଦୁର୍ଘଟଣା ଘଟି ରାସ୍ତାରେ ତାଙ୍କର ମୃତଦେହ ପଡ଼ିରହିଥିଲା। ସ୍ଥାନୀୟ ଲୋକେ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ପାଟଣା,୨୦।୨(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ନୂଆପଡା ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତ ୭୬ ବର୍ଷ ବୟସରେ ମଙ୍ଗଳବାର ସନ୍ଧ୍ୟାରେ ନୂଆପଡା ସ୍ଥିତ ଘରେ ମୃତ୍ୟୁ ଘଟିଛି। ସେ ଶ୍ୱାସ ରୋଗରେ ପୀଡିତ ଥିଲେ। କିଶୋର ଚନ୍ଦ୍ର ଜଣେ ମିଷ୍ଟ ଭାଷୀ ଓ ଦରଦୀ ମଣିଷ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣା ଶୁଣା ଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ ବ୍ୟକ୍ତ କରିଛନ୍ତି।

### ୬ଘଣ୍ଟା ପିଚୁ କାର୍ଯ୍ୟ ପରେ ରାସ୍ତା ଫାଟି ଆଁ



ରାସ୍ତା ନିର୍ମାଣ ପରେ ମଝିରୁ ଫାଟିଯାଇଛି।

ତେଲକୋଇ, ୨୦।୨(ଡି.ଏନ.ଏ.) ତେଲକୋଇ ବଜାର ଅଞ୍ଚଳରେ ୨ଲେନର ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ବଜାର ଅଞ୍ଚଳରେ ପିଚୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୬ଘଣ୍ଟା ଅବଧି ପରେ ପିଚୁ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ଏନେଇ ରାସ୍ତା ନିର୍ମାଣକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ରାସ୍ତା କାଞ୍ଜିପାଣି ଠାରୁ ତେଲକୋଇ ମୁଖ୍ୟାଳୟ ପର୍ଯ୍ୟନ୍ତ ୨ଲେନର ରାସ୍ତା ନିର୍ମାଣ କରାଯାଉଛି। ତେବେ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ରାସ୍ତା ନିର୍ମାଣରେ ପିଚୁରେ ଫାଟି ସୃଷ୍ଟି ହୋଇଛି। ଏସମ୍ପର୍କରେ ପିଡବ୍ଲ୍ୟୁଡି ଯନ୍ତ୍ରୀ ପଞ୍ଚାନନ ଧରଣୀଆଙ୍କୁ ପଚାରିବାରୁ ସେ କହିଲେ ଯେ ଏମିତି ହେବା କଥା ନୁହଁ। ପିଚୁ ଗରମ ନ ଥିବା ଯୋଗୁ ଏଭଳି ସମସ୍ୟା ହୋଇଥାଇପାରେ। ତେବେ ତୁରନ୍ତ ସଂପୃକ୍ତ ଠିକାଦାରଙ୍କୁ ନୋଟିସ କରିବି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ବସ୍‌କୁ ଅଟକାଇ ଡକାୟତି, ୬ ଗିରଫ

ଯୋଡ଼ା, ୨୦।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହର ନିକଟସ୍ଥ ରଣାଶାଳ ଘାଟିଠାରେ ବୁଧବାର ରାତି ପ୍ରାୟ ୧୦.୩୦ ମିନିଟ୍‌ରେ ୬ଜଣ ଦୁର୍ବୃତ୍ତ ବସ୍‌କୁ ଅଟକାଇ ଲୁଟ୍ ବେଳେ ପୋଲିସ ଗିରଫ କରିଛି। ସେମାନେ ହେଲେ ଯୋଡ଼ା ବାରୁ ହଟିଂ ଅଞ୍ଚଳର ସନ୍ତୋଷ ମହାନ୍ତ, ସୁନୀଲ ଚାତାର, ନିରାକାର ଗୋପ୍, ଯୋଡ଼ା କୁନ୍ଦୁରୁନାଲା ଅଞ୍ଚଳର ପିହ ପାତ୍ର , ବାଂଶପାଣି ଅଞ୍ଚଳର ଘାସିନାଥ ପାତ୍ର ଓ ଝାଡ଼ଖଣ୍ଡ ରାଜ୍ୟ ଚାଇଁବସା ଅଞ୍ଚଳର ଦିଲୀପ କୁମାର ପାନ୍।

ଘଟଣାସ୍ଥଳରୁ ଜଣାପଡିଛି ଯେ, ବୁଧବାର ରାତିପ୍ରାୟ ୧୦.୩୦ ମିନିଟ ସମୟରେ ବଡବିଲ୍-ଭୁବନେଶ୍ୱରର ଏକ ଯାତ୍ରୀବାହୀ ବସ୍ ବଡବିଲ୍‌ରୁ ଯୋଡ଼ା ଅଭିମୁଖେ ଆସୁଥିବା ବେଳେ ରଣାଶାଳ ଘାଟିଠାରେ ଟ୍ରାଫିକ ଜାମ୍‌ରେ ଫସିଥିଲା। ଏହି ବସ୍‌ର ଆଗକୁ ଅନ୍ୟ ଏକ ବଡ଼ବିଲ୍ -ବାଲେଶ୍ୱର ଯାତ୍ରୀବାହୀ ବସ୍ ମଧ ଛିଡ଼ା ହୋଇଥିଲା। ଏହି ସମୟରେ ୬ ଜଣ ଦୁର୍ବୃତ୍ତ ଏକ ବୋଲେରୋରେ ଆସି ବଡ଼ବିଲ୍-ବାଲେଶ୍ୱର ଯାତ୍ରୀବାହୀ ବସ୍‌ର ଡିକି ଖୋଲି ଲୁଟ୍ ଉଦ୍ୟମ କରୁଥିବା ବେଳେ ପଛରେ ଛିଡ଼ା ହୋଇଥିବା ବଡ଼ବିଲ୍-ଭୁବନେଶ୍ୱର ବସ୍‌ର ଡ୍ରାଇଭର ବାସୁଦେବ ନାୟକ ସେମାନଙ୍କୁ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏହାପରେ ଦୁର୍ବୃତ୍ତମାନେ ବଡ଼ବିଲ୍-ବାଲେଶ୍ୱର ବସ୍‌ର ଡିକିରୁ କେତୋଟି ବ୍ୟାଗ୍ ଲୁଟିବା ସହିତ ବସ୍‌ର ହେଲପରକୁ ଟଙ୍କା ମାଗିଥିଲେ। ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରିଥିବାରୁ କୌଣସି ବ୍ୟକ୍ତି ସେମାନଙ୍କୁ ବିରୋଧ କରିପାରି ନ ଥିଲେ । ପରେ ଦୁର୍ବୃତ୍ତମାନେ ଉକ୍ତ ବୋଲେରୋରେ ବସି ଯୋଡ଼ା ଅଭିମୁଖେ ଆସିଥିଲେ। ପରେ ବାସୁଦେବ ନାୟକ ଫୋନ୍ ଯୋଗେ ଯୋଡ଼ା ପୋଲିସ୍‌କୁ ଜଣାଇବା ପରେ ଯୋଡ଼ା ଥାନା ଆଇଆଇସି ରାଇସେନ୍ ମୁର୍ମୁ ସଦଳବଳ ଯୋଡ଼ାର ପ୍ରବେଶ ପଥକୁ ସମ୍ପୂର୍ଣ୍ଣ ସିଲ୍ କରିଦେଇଥିଲେ । ଏହା ପରେ ବସ୍‌ଷ୍ଟାଣ୍ଡ ନିକଟରେ ଉକ୍ତ ବୋଲେରୋକୁ ଘେରି ଯାଇ ୬ଜଣ ଦୁର୍ବୃତ୍ତଙ୍କୁ କାବୁ କରିବା ସହିତ ଗାଡ଼ିଟିକୁ ଜବତ କରିଥିଲେ। ପୋଲିସ ସେମାନଙ୍କଠାରୁ ଠେଙ୍ଗା, ଲୁହାରଡ୍ ଓ ଗୋଟିଏ ଛୁରି ଜବତ କରିଛି। ଏନେଇ ରାତି ପ୍ରାୟ ୧୧.୩୦ ମିନିଟ୍ ସମୟରେ ବସ୍‌ର ଡ୍ରାଇଭର ବାସୁଦେବ ନାୟକ, ବଡ଼ବିଲ୍ -ବାଲେଶ୍ୱର ବସ୍‌ର କଣ୍ଡକ୍ଟର ନିମାଇଁ ଚରଣ ରାଉତ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା (ନଂ ୩୮/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଯୋଡ଼ା ଥାନାରେ ବିଭିନ୍ନ ସଙ୍ଗୀନ୍ ଆପରାଧିକ ମାମଲା ରହିଥିବା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି।



ଜବତ ହୋଇଥିବା ଦୁର୍ବୃତ୍ତଙ୍କ ବୋଲେରୋ।

# ଜଙ୍ଗଲ କ୍ଷୟ ଯୋଗୁ ଘାରୁଛି ହାତୀ ଚିନ୍ତା

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୦।୨

କେନ୍ଦୁଝର ବନଖଣ୍ଡରେ ହାତୀ ମୃତ୍ୟୁକୁ ନେଇ ପରିବେଶବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି। ବ୍ୟାପକ ଜଙ୍ଗଲ ଓ ପରିବେଶ ନଷ୍ଟ ଯୋଗୁ ହାତୀ ମାନେ ବାସ ହରାଇ ଯାଉଥିବା ବେଳେ ଏବେ ଗ୍ରାମାଞ୍ଚଳ ମୁହାଁ ହେଉଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ହେଁ ବିଭିନ୍ନ କାରଣରୁ ହାତୀ ମାନଙ୍କ ମୃତ୍ୟୁ ହେଉଥିବାରୁ ସେମାନଙ୍କ ଭବିଷ୍ୟତକୁ ନେଇ ହାତୀପ୍ରେମୀମାନେ ଚିନ୍ତା ପ୍ରକଟ କରୁଛନ୍ତି।

ପ୍ରକାଶ ଯେ ଗତ ୫ ବର୍ଷରେ ଏହି ଜିଲାରେ ୧୭ରୁ ଉର୍ଦ୍ଧ୍ୱ ହାତୀ ମୃତ୍ୟୁବରଣ କରିଥିବା ଜଣାପଡିଛି । ୨୦୧୫-୧୬ ମସିହାରେ ୬ଟି ହାତୀ ମୃତ୍ୟୁବରଣ କରିଥିବା ବେଳେ ୨୦୧୬-୧୭ ମସିହାରେ କେହି ମୃତ୍ୟୁବରଣ କରି ନ ଥିବା ବନ ବିଭାଗ ତଥ୍ୟରୁ ଜଣାପଡିଛି । ସେହିପରି ୨୦୧୭-୧୮ ମସିହାରେ ୨ ହାତୀର ମୃତ୍ୟୁ ହୋଇଥିବା ବେଳେ ୨୦୧୮-୧୯ରେ ୩ ଓ ୨୦୧୯-୨୦ ରେ ୬ଟି ହାତୀ ମୃତ୍ୟୁବରଣ କରିଥିଲେ। ଗତ ୨୦୧୬-୧୭ରୁ ଅଦ୍ୟାବଧି ମଧ୍ୟରେ ହାତୀ ମୃତ୍ୟୁ ବୃଦ୍ଧି ପାଇଛି । ଏହି ପରିସଂଖ୍ୟାନକୁ ସମୀକ୍ଷା କଲେ ଗତ ଚାରି ବର୍ଷରେ ହାତୀ ମୃତ୍ୟୁ କ୍ରମଶଃ ବୃଦ୍ଧିପାଇବାରେ ଲାଗିଛି। ୨୦୧୯ ମସିହାରେ ଏନଏଚ ୨୦ରେ ବସ ଦୁର୍ଘଟଣାରେ ଘଟଗାଁ ରେଞ୍ଜ ଅଞ୍ଚଳରେ ୩ଟି ହାତୀ ମୃତ୍ୟୁ ଏବଂ ଏହା ପୂର୍ବରୁ ରେଳ ଦୁର୍ଘଟଣାରେ ସଦର ରେଞ୍ଜ ଅନ୍ତର୍ଗତ ରାମଚନ୍ଦ୍ରପୁରରେ ଦୁଇଟି ହାତୀର ଶୋଚନୀୟ ମୃତ୍ୟୁ ପଶୁପ୍ରେମୀଙ୍କୁ ଦୁଃଖାଭିଭୂତ କରିଥିଲା।

ଖଣିଖାଦାନ ସାଙ୍ଗକୁ ରାସ୍ତାଘାଟ ପ୍ରଶସ୍ତିକରଣ, ରେଳଲାଇନ, କାଠମାଫିଆଙ୍କ ପ୍ରାଦୁର୍ଭାବ, ଜଙ୍ଗଲାଞ୍ଚଳରେ ବେଆଇନ ଜଙ୍ଗଲକାଟି ବସ୍ତିନିର୍ମାଣ ଆଦି ଜଙ୍ଗଲ କ୍ଷୟର ପ୍ରମୁଖ କାରଣ ହୋଇଛି। ଫଳରେ ଘଞ୍ଚ ଜଙ୍ଗଲ ନଷ୍ଟହେବା ସହ ହାତୀ ମାନଙ୍କ ଖାଦ୍ୟ ସମସ୍ୟା ଦେଖାଦେବା ସହ ବାସସ୍ଥାନ ନଷ୍ଟ ହେଉଛି । ଫଳରେ ହାତୀ ମାନେ ଖାଦ୍ୟ ପାଇଁ ପଦାକୁ ଆସି ଉପଦ୍ରବ କରୁଛନ୍ତି । ଧାନଫସଲ, ବାଡିବଗିଚାରେ ପରିବା ଆଦି ଖାଇବା ସହ ନଷ୍ଟ କରୁଥିବା ବେଳେ ମଣିଷ ସହ ହାତାହାତି ହୋଇ ଧନଜୀବନ ହାନୀ ଘଟୁଛି। ଏନଏଚ ୨୦ ଓ ୪୯ର ପ୍ରଶସ୍ତିକରଣ ତଥା ଜଙ୍ଗଲାଞ୍ଚଳ ଦେଇଯାଇଥିବା ଅନ୍ୟାନ୍ୟ ରାସ୍ତାର ପ୍ରଶସ୍ତିକରଣ ଯୋଗୁ ହାତୀ ମାନଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ବିଶେଷ କରି ଜିଲାକୁ ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ, ଦେବଗଡ, ବାଲେଶ୍ୱର, ଯାଜପୁର ଆଦି ଜିଲା ତଥା ଝାଡ଼ଖଣ୍ଡ ରାଜ୍ୟକୁ ହାତୀ ମାନେ ଯାତାୟାତ କରିଥାନ୍ତି। ଏଣୁ ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ, ଦେବଗଡ ଆଦି ଜିଲାକୁ ନେଇ ପ୍ରାୟ ୧୦ ହଜାର ହେକ୍ଟର ଜଙ୍ଗଲାଞ୍ଚଳକୁ ନେଇ ବୈତରଣୀ ହସ୍ତୀ ସଂରକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପରିକଳ୍ପନା କରାଯାଇଥିଲେ ହେଁ ତାହା କାର୍ଯ୍ୟକାରି ହୋଇ ନ ପାରିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରେକୃଷ୍ଣ ମହାନ୍ତ କହିଛନ୍ତି। ହାତୀ ମାନଙ୍କ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି କରିବା ସହ ସେମାନଙ୍କୁ ଏଣେତେଣେ ନ ଘଉଡାଇବା, ବିଚଳିତ ନ କରିବା, ଯାତାୟାତ ପଥ ଗୁଡିକର ସୁରକ୍ଷା କରିବା ଆଦି ଉପରେ ଗୁରୁତ୍ୱଦେବା ଜରୁରୀ ବୋଲି ବରିଷ୍ଠ ରିଡର ଡକ୍ଟର ଅନୀଲ କୁମାର ଦାସ କହିଛନ୍ତି।

# ବେକାରଙ୍କୁ ନିଯୁକ୍ତି ଦାବିରେ ବିକ୍ଷୋଭ




ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।

କେନ୍ଦୁଝର, ୨୦।୨(ସ୍ୱ.ପ୍ର./ଡି.ଏନ.ଏ.)

ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା, କେନ୍ଦୁଝର ଶାଖା ତରଫରୁ ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦାବିରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବିକ୍ଷୋଭରେ ଯୋଗ ଦେଇଥିବା ଭାଜପା ଯୁବନେତାମାନେ କିଛିଦିନ ପୂର୍ବରୁ ପ୍ରକାଶିତ ହୋଇଥିବା ଖବର ଅନୁସାରେ ଦୀର୍ଘ ୨୦ବର୍ଷର ବିଜେଡି ସରକାରରେ ସ୍ଥିର ଶାସନକାଳ ମଧ୍ୟରେ ଓଡିଶା ବେରୋଜଗାରୀରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ଅଭିଯୋଗ କରିଥିଲେ। ଏଥିସହ କଳକାରଖାନା, ଖଣିଖାଦାନ ଭରା ଅପାର ସମ୍ଭାବନା ଥିବା କେନ୍ଦୁଝର ଜିଲାରେ ଯୁବତୀଯୁବକମାନେ ନିଯୁକ୍ତି ନପାଇ ଦାଦନ ଖଟିବାକୁ ଯିବା ପାଇଁ ବାଧ ହେଉଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ଯୁବତୀଯୁବକଙ୍କୁ ୭୫% ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜିଲାକୁ ଅଚଳ କରି ଦିଆଯିବ ବୋଲି ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ହେମରଞ୍ଜନ ବାରିକ ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଜିଲା ଯୁବମୋର୍ଚ୍ଚା ସାଧାରଣ ସଂପାଦକ ପ୍ରକାଶ ମଲ୍ଲିକ, ବ୍ରଜକିଶୋର ରାୟ, ସଂପାଦକ ଅନିନ୍ଦ୍ୟ ବେହେରା, ସଂପାଦକ ରଞ୍ଜିତ ବାରିକ, ଈଶ୍ୱର ଚନ୍ଦ୍ର ପାତ୍ର, ସୁରେଶ ମହାନ୍ତ, କେନ୍ଦୁଝର ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, ନାରୀନେତ୍ରୀ କିରଣବାଳା ନାଏକଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

### ପଦ୍ମେଶ୍ୱରରେ ଜାଗର ଲାଗି ବ୍ୟାପକ ପ୍ରସ୍ତୁତି

କେନ୍ଦୁଝର, ୨୦।୨ (ସ୍ୱ.ପ୍ର.)-ଶିବ ମନ୍ଦିର ପରିସରରେ ଥିବା ଫୁଲ ବଗିଚା, ଆକର୍ଷଣୀୟ ପରିବେଶ ମନ୍ଦିର ନିକଟରେ ଥିବା ପ୍ରତିମୂର୍ତ୍ତିକୁ ନେଇ ମନଲୋଭା ହୋଇପାରିଛି ପଦ୍ମପୁର ପଦ୍ମେଶ୍ୱର ପୀଠ। ୨୧ତାରିଖରେ ଜାଗର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ମନ୍ଦିର କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଛି। ୨୧ତାରିଖ ଠାରୁ ୨୪ତାରିଖ ସୋମବାର ପର୍ଯ୍ୟନ୍ତ ଜାଗରମେଳା ଅନୁଷ୍ଠିତ ହେବ।

# ୨୨ରୁ ପାଟଣା ପ୍ରସିଦ୍ଧ ଜାଗର ମହୋତ୍ସବ

ପାଟଣା, ୨୦।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ପୁରାତନ ଶୈବ ପୀଠରେ ବିଜେ ଆନନ୍ଦେଶ୍ୱର ମହାଦେବଙ୍କ ପ୍ରସିଦ୍ଧ "ଜାଗର ମହୋତ୍ସବ ୨୦୨୦" ଫେବୃୟାରୀ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ୮ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଶୁକ୍ରବାର ମହାଶିବରାତ୍ରି ଅବସରରେ ରାତ୍ରୀ ୧୧ଟାରେ ମହାଦୀପ ପଜ୍ୱଳିତ ହେବାର ସମୟ ନିର୍ଘଣ୍ଟ ହୋଇଛି। ଏଥିସକାଶେ ପାଟଣା ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି। ୨୨ ତାରିଖ ଅପରାହ୍ନରେ କେନ୍ଦୁଝରର ରାଜା ଧନଞ୍ଜୟ ଭଞ୍ଜ ଦେଓ ଓ ରାଣୀ ସୁନନ୍ଦିନୀ ଦେବୀ ଆନନ୍ଦେଶ୍ୱରଙ୍କ ଚଳନ୍ତି ପ୍ରତିମାଙ୍କ ସହ ନଗର ପରିକ୍ରମା କରିବା ପରେ ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ଜାଗର ମହୋତ୍ସବକୁ ଉଦ୍‌ଘାଟନ କରିବେ। ଜାଗର କମିଟି ତରଫରୁ ଏଥିନେଇ ବ୍ୟାପକ ପ୍ରସ୍ତୁତି ହୋଇଛି। ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବଚନ, ପାଲା, ଓଡିଶୀ ନୃତ୍ୟ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା, ମେଲୋଡି ଓ ଝୁମର ନାଚଗୀତର ଆୟୋଜନ କରାଯାଇଛି। ଅନ୍ତିମ ଦିନରେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ଭୁବନେଶ୍ୱର ପ୍ରଧାନଙ୍କ କଂସ ଦରବାର ବସିବ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ସଂସ୍କୃତି ଓ କଳା ପ୍ରେମୀ ଯୋଗ ଦେବାକୁ ଜାଗର କମିଟିର ବରିଷ୍ଠ ସଦସ୍ୟ ଅଜୟ କୁମାର ଦାଶ, ଅରୁଣ କୁମାର ମିଶ୍ର, ସବୀର କୁମାର ଦାଶ, ସନାତନ ଦାଶ, କମଳାକାନ୍ତ ପତି, ପାର୍ଥ ସାରଥୀ ବେଜ, ପର୍ଶୁରାମ ପଣ୍ଡା ଓ ଅବିନାଶ ଦାଶ ପ୍ରମୁଖ ନିବେଦନ କରିଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଯୋଡ଼ା, ୨୦।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର କୁନ୍ଦୁରୁନାଲା ଠାରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଛି। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଜନସଚେତନତା ଶୋଭାଯାତ୍ରାରେ ଧରଣୀଧର ଛକଠାରୁ ବାହାରି ଯୋଡା ସହରର ବିଭିନ୍ନ ବସ୍ତି ଓ ହଟିଂ ପରିକ୍ରମା କରି ମାତୃଭାଷାକୁ ଭଲପାଇବା ଓ ଏହାର ବ୍ୟବହାର ନେଇ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ଶୋଭାଯାତ୍ରାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତି, ମମତା ନାୟକ, ଶିକ୍ଷକ ଦିନବନ୍ଧୁ ମହାନ୍ତ, ବସନ୍ତ ଷଡ଼ଙ୍ଗୀ, ବସନ୍ତ ମହାନ୍ତ, କ୍ଷୀରୋଦ ଚନ୍ଦ୍ର ମହାନ୍ତ, ଜିତେନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଶୋଭାଯାତ୍ରା।

# ରାସ୍ତା ପାଲଟିଛି ମରଣଯନ୍ତା

ଝୁମ୍ପୁରା, ୨୦।୨ (ଡି.ଏନ.ଏ.)

ଶେଷରେ ତାତିଲେ ସଂଯ ସହାୟିକା ଗୋଷ୍ଠୀ ମହିଳା। କିଡକୋ ରାସ୍ତା ମରାମତି ଓ ନିର୍ମାଣ ଦାବି କରି ବାରମ୍ବାର ଅସଫଳ ହେବା ପରେ ରାସ୍ତା ପାର୍ଶ୍ୱ ଗ୍ରାମ ଗୁଡିକର ସଂଯ ସହାୟିକା ଗୋଷ୍ଠୀ ମହିଳା ସଦସ୍ୟାମାନେ କିଡକୋ ରାସ୍ତାର କଣ୍ଡରାପଶି ଛକ ନିକଟରେ ଗୁରୁବାର ରାସ୍ତା ଅବରୋଧ କରିଥିଲେ। ମା' ଗୌରୀ, ମା' ମାଦୁର୍ଗତୀ ନାଶିନୀ, ମା' ତାରିଣୀ, ମା' ସୌଭାଗ୍ୟଲକ୍ଷ୍ମୀ, କାଜଲରାଣୀ, କୁମିଦ ଏସଏଚଜି, ସିଂ ସରଣ୍ଡା ଏସଏଚଜି, ମା'ବୃନ୍ଦାବତୀ ଆଦି ବହୁ ଗ୍ରୁପର ସଂଯ ସହାୟିକା ମହିଳ ଏକାଠି ହୋଇ ରାସ୍ତା ଅବରୋଧ କରିଥିଲେ।

- ପ୍ରତିଶ୍ରୁତି ସତ୍ତ୍ୱେ ହେଉନି ରାସ୍ତା ମରାମତି
- ତାତିଲେ ସଂଯ ସହାୟିକା ଗୋଷ୍ଠୀ ମହିଳା
- କିଡକୋ ରାସ୍ତା ଅବରୋଧ

ପ୍ରକାଶ ଯେ, କେନ୍ଦୁଝର ଜିଲାର ପଳାଶପଙ୍ଗା ଠାରୁ ବାମେବାରୀ କିଡକୋ ରାସ୍ତା ସ୍ୱଞ୍ଜ ଛକ ନିକଟରେ ୨୦ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବାବେଳେ, ଅନ୍ୟ ପାର୍ଶ୍ୱ ରାସ୍ତା ଯୋଡା ଖଣି ମଣ୍ଡଳକୁ ସଂଯୋଗ କରୁଛି। ପୁଣି ଏହି ୨୯କି.ମି. ରାସ୍ତା ପାର୍ଶ୍ୱରେ ନୟାଗଡ ଏବଂ ପ୍ରଜନପୁର ରେଳ ସାଇଡିଂ ରହିଛି। ଖଣିଜ ପରିବହନ ପାଇଁ ଏହି ରାସ୍ତା ବହୁ ଗୁରୁତ୍ୱ ବହନ କରିଥାଏ। ରାସ୍ତା ଉପରେ ସବୁ ସମୟରେ ହଜାର ହଜାର ଖଣିଜ ବୋଝେଇ ଟ୍ରକ ଯାତାୟାତ କରିଥାଏ। ତେବେ ଗତ ୨ବର୍ଷ ହେଲା ରାସ୍ତା ଖରାପ ହୋଇ ଖାଲଢିପ ଯୋଗୁଁ ମରଣଯନ୍ତା ପାଲଟିଛି। ସାଧାରଣ ପଥଚାରୀ ଓ ବାଇକ ଆରୋହୀଙ୍କ ପାଇଁ ଏହା ମରଣ ଗାତ ସଦୃଶ୍ୟ। ପ୍ରତ୍ୟେହ ଘଟୁଛି ଦୁର୍ଘଟଣା। ପ୍ରବଳ ଧୂଳି ସାଙ୍ଗକୁ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା। ହେଲେ କିଡକୋ କର୍ତ୍ତୃପକ୍ଷ ରାସ୍ତା ମରାମତି ପାଇଁ ଧ୍ୟାନ ନ ଦେଇ ସ୍ୱଞ୍ଜ ଆଇରନ ଛକ ଏବଂ କାଳିମାଟି ପାଖରେ ୨ଟି ଟୋଲଗେଟ ବସାଇ ଟୋଲ ଆଦାୟରେ ବ୍ୟସ୍ତ ଅଛି। ରାସ୍ତା ପାର୍ଶ୍ୱ ଗ୍ରାମବାସୀଙ୍କ ଯାତାୟତ ଠପ ହୋଇଯିବା ସଙ୍ଗେ ସଙ୍ଗେ ଜୀବନ ଜୀବିକା ମଧ ପ୍ରଭାବିତ ହେଉଛି।

ରାସ୍ତା ମରାମତି ଦାବି କରି ଗ୍ରାମବାସୀ ବାରମ୍ବାର କିଡକୋ କର୍ତ୍ତୃପକ୍ଷଙ୍କୁ ଗୁହାରି କରୁଥିଲେ ହେଁ, କେବଳ ପ୍ରତିଶ୍ରୁତିରେ ଦେଇ କାମ ଚଳାଇନେଉଛନ୍ତି। ଶେଷରେ ସଂଯ ସହାୟିକା ଗୋଷ୍ଠୀ ମହିଳାମାନେ ଉତ୍ୟକ୍ତ ହୋଇ ଗୁରୁବାର ସକାଳ ୬ଟା ଠାରୁ ରାସ୍ତା ଅବରୋଧ କରିଥିଲେ। ରାସ୍ତାର ୨ପାର୍ଶ୍ୱରେ ଛୋଟବଡ ଗାଡି ସହିତ ହଜାର ହଜାର ଖଣିଜ ବୋଝେଇ ଗାଡି ଅଟକି ରହିଥିଲା। ଶେଷରେ ସଦର ଥାନାଧିକାରୀ ଜୟନାରାୟଣ ଖଣ୍ଡାୟୀ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଦିନ ୧୨ଟା ପରେ ଅବରୋଧ ହଟିଥିଲା। ଏସମ୍ପର୍କରେ ତାଙ୍କୁ ପଚାରିବାରୁ ୪ଦିନ ମଧ୍ୟରେ କିଡକୋ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ବୈଠକ ବସି ରାସ୍ତା ସମସ୍ୟା ସମାଧାନ କରାଯିବ ବୋଲି ଥାନାଧିକାରୀ ଜଣାଇଛନ୍ତି।



ରାସ୍ତା ଅବରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

## ସଂକ୍ଷେପରେ

### ଦେବାଶିଷ ହେଲେ ସାଧାରଣ ସମ୍ପାଦକ



ଢେଙ୍କାନାଳ ଅଫିସ, ୨୦।୨: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ପ୍ରାଧାପକ ଡ. ଦେବାଶିଷ ମହାନ୍ତି ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଗତ ୧୨ ତାରିଖରେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଉଚ୍ଚଶିକ୍ଷାର ବିକାଶ ପାଇଁ ସଂଘ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବ। ଶିକ୍ଷକଙ୍କ ସମସ୍ୟାର ସମାଧାନ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପଟେ କଲେଜ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ଅଧକ୍ଷା ପ୍ରଫେସର ରଶ୍ମି ମିଶ୍ର ମଧ ଶୁଭେଚ୍ଛା ଜଣାଇଛନ୍ତି।

### ଘର ଦାବି କଲେ ଦିବ୍ୟାଙ୍ଗ



ଢେଙ୍କାନାଳ ଅଫିସ, ୨୦।୨: ଯୋଗ୍ୟତା ଥିବା ସତ୍ତ୍ୱେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ରାଣୀପାଳ ଗ୍ରାମର ଦିବ୍ୟାଙ୍ଗ ବେଙ୍ଗ ସାହୁ (୪୭)। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଦେବାକୁ ସେ ଗୁରୁବାର ଜିଲାପାଳଙ୍କୁ ନିବେଦନ କରିଛନ୍ତି। ବେଙ୍ଗଙ୍କ ନିଜର ବୋଲି କେହି ନାହାନ୍ତି। ଜମିବାଡ଼ି ମଧ ନାହିଁ। ସେ ଏକ କୁଡ଼ିଆରେ ବଡ଼କଷ୍ଟରେ ରହୁଛନ୍ତି। ଘର ପାଇଁ ସେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ସେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

### ଜମିଜମା ବିବାଦ, ୩ କୋର୍ଟ ଚାଲାଣ

ଭୁବନ, ୨୦।୨(ଡ.ଏନ.ଏ.): ଜମିଜମା ବିବାଦକୁ କେନ୍ଦ୍ରକରି ହୋଇଥିବା ଏକ ଗଣ୍ଡଗୋଳ ମାମଲାରେ ୩ଜଣଙ୍କୁ ଗିରଫ କରିଛି ଭୁବନ ପୋଲିସ। ସେମାନେ ହେଲେ ଭୂଷଳ ଗ୍ରାମର ଉଦୟ ମିଶ୍ର (୪୩), ରମାକାନ୍ତ ମିଶ୍ର (୪୦) ଏବଂ ପ୍ରଶାନ୍ତ ମିଶ୍ର (୪୦)। ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗତ ଡିସେମ୍ବରରେ ଗ୍ରାମର ପୁରୁଷୋତ୍ତମ ମିଶ୍ରଙ୍କ ଜମିରୁ ସମ୍ପୃକ୍ତ ୩ଜଣ ଜବରଦସ୍ତ ଧାନ କାଟି ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୁରୁଷୋତ୍ତମଙ୍କ ଅଭିଯୋଗକୁ କେନ୍ଦ୍ରକରି ନଂ. ୩୫୯/୨୦୧୯, ଦଫା ୪୪୭, ୩୮୦, ୧୮୮, ୩୯୪, ୩୨୩, ୫୦୬ ଓ ୩୪ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରଠୁ ଅଭିଯୁକ୍ତମାନେ ଫେରାର ଥିଲେ। ଏଏସ୍ଆଇ ରମେଶ ଚନ୍ଦ୍ର ସ୍ୱାଇଁ ସମ୍ପୃକ୍ତ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛନ୍ତି।

# ଉତ୍ସବମୁଖର ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମ



ଶ୍ରୀଦତ୍ତାତ୍ରେୟ ସାଇଙ୍କ ପ୍ରତିମୂର୍ତ୍ତି।

- ଆଜିଠାରୁ ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ
- ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ
- କାର୍ଯ୍ୟକ୍ରମରେ ୩୦୦ ସେବାଦଳ ସାମିଲ

ଢେଙ୍କାନାଳ ଅଫିସ, ୨୦।୨

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କପିଳାସ ପର୍ବତ ପାଦଦେଶରେ ଥିବା ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମର ବାର୍ଷିକ ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶୁକ୍ରବାରଠାରୁ ଆୟୋଜିତ ହେଉଛି ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ। ହଜାର ହଜାର ସାଇପ୍ରେମୀ ଏବଂ ସେବାଦଳର ସଦସ୍ୟଙ୍କ ସମାଗମରେ ପୀଠ ପରିସରରେ ସୃଷ୍ଟି ହୋଇଛି ଭାବଭକ୍ତିମୟ ପରିବେଶ।

ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ ସକାଳ ୫ଟାରୁ ୭ଟା ମଧ୍ୟରେ ସୂର୍ଯ୍ୟପୂଜା, ଧୁନିପୂଜା, ଦ୍ୱାରପାଳ ପୂଜା ଅନୁଷ୍ଠିତ ହୋଇଥିଲା। ୭ଟାରୁ ସାଢ଼େ ୭ଟା ମଧ୍ୟରେ କାକଡ଼ ଆରତି ଆୟୋଜନ କରାଯାଇଥିଲା। ପୂର୍ବାହ୍ନ ୮ଟାରୁ ୧୧ଟା ୧୫ ଯାଏ ବିଗ୍ରହଙ୍କ ସ୍ନାନ ଅଭିଷେକ, ନୈବେଦ୍ୟ, କର୍ପୂର ଆରତି ବିଧି ଅନୁଯାୟୀ କରାଯାଇଥିଲା। ଏଥିସହ ନୀତି ଅନୁଯାୟୀ ଅତିରୁଦ୍ର ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ହଜାର ହଜାର ସାଇପ୍ରେମୀ ଠାକୁରଙ୍କ ଦର୍ଶନ କରିବା ସହ ସାଇ ପାରାୟଣ ଏବଂ ଭଜନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାପରେ ପ୍ରସାଦ ସେବନ ସହିତ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସାଇଭକ୍ତ ସମ୍ମିଳନୀରେ ଯୋଗଦେବାକୁ ଓଡ଼ିଶା, ଦିଲ୍ଲୀ, ହାଇଦ୍ରାବାଦ, ଶିରିଡ଼ି, ବାଙ୍ଗାଲୋର, ଆନ୍ଧ୍ରପ୍ରଦେଶ ଆଦି ସ୍ଥାନରୁ ବହୁ ସାଇଭକ୍ତଙ୍କ ସମାଗମ ହୋଇଛି। ସେହିପରି ଉତ୍ସବର ସୁପରିଚାଳନା ପାଇଁ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରୁ ୩୦୦ ସେବାଦଳ ଯୋଗଦେଇଛନ୍ତି। ୨୨ ତାରିଖ ଉଦ୍‌ଯାପନୀ ଦିବସରେ ଅମୃତସରରୁ ଶିଖ୍ ସମ୍ପ୍ରଦାୟର ସନ୍ଥ ନିରଙ୍କାରୀ ବାବା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।



ଆଶ୍ରମ ପରିସରରେ ଥିବା ସ୍ଫଟିକ ଲିଙ୍ଗ।

୧୯୯୮ରେ ହିମାଳୟର ନାଥ ସମ୍ପ୍ରଦାୟର ତପସ୍ୱୀ ସନ୍ଥ ଶ୍ରୀଗଣେଶନାଥ ଜୀ ମହାରାଜ କପିଳାସ ପୀଠକୁ ଆସିବା ସମୟରେ ରାସ୍ତାରେ ଏକ ବୃକ୍ଷ ତଳେ ବିଶ୍ରାମ ନେଇଥିଲେ। ସେଠାରେ ବର, ଅସନ, ବେଲ, ନିମ୍ବଗଛ ରହିଥିଲା। ଏହାକୁ ସେ ପବିତ୍ର ସ୍ଥାନ ବୋଲି କହିଥିଲେ। ଏଥିସହ ଉକ୍ତ ସ୍ଥାନରେ ବିରାଟ ଆଶ୍ରମ ସହ ଦତ୍ତାତ୍ରେୟ ସାଇ ମନ୍ଦିର ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଥିଲେ। ୨୦୦୨ ଫେବୃୟାରୀ ୨୨ରେ ଉକ୍ତ ସ୍ଥାନରେ ସାଇବାବାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ହୋଇଛି। ଜିଲାର ଅନ୍ୟତମ ସାଇକ୍ଷେତ୍ର ଭାବେ ଶ୍ରୀଦତ୍ତାତ୍ରେୟ ଆଶ୍ରମ ପରିଚୟ ଲାଭ କରିଛି।

### ସେମାନେ ଯାହା କୁହନ୍ତି



"ହିମାଳୟର ମହାନ୍ ସନ୍ଥ ଶ୍ରୀଗଣେଶନାଥ ମହାରାଜଜୀଙ୍କ ଭବିଷ୍ୟବାଣୀ ଅନୁଯାୟୀ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମ ପ୍ରତିଷ୍ଠା ହୋଇଛି। ଏହାର ପରିଚାଳନା ଲାଗି ଟ୍ରଷ୍ଟ ଗଠନ କରାଯାଇଛି। ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ସାଇଭକ୍ତ ସମ୍ମିଳନୀରେ ବିଭିନ୍ନ ସ୍ଥାନରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ବର୍ଷତମାମ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ ମଧ ଆସିଥାନ୍ତି।

-ଦ୍ୱାରିକା ମୋହନ ମିଶ୍ର, ଟ୍ରଷ୍ଟ ମୁଖ୍ୟ



"ଢେଙ୍କାନାଳ କପିଳାସ ନିକଟରେ ଥିବା ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମକୁ ଶାନ୍ତିର ସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ। ମନ୍ଦିରର ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଏଠାକାର ପରିବେଶ, ବାତାବରଣ ଅନନ୍ୟ। ପ୍ରତିବର୍ଷ ବାର୍ଷିକ ଉତ୍ସବରେ ଏଠାକୁ ଆସିଥାଉ। ଚଳିତବର୍ଷ ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ ପାଇଁ କରାଯାଇଥିବା ଆୟୋଜନ ବେଶ୍ ଆକର୍ଷଣୀୟ ହୋଇଛି।

-ଏସ୍. ଶ୍ୟାମ ରାଓ, ବାଙ୍ଗାଲୋର



"ଆଗରୁ ଥରେ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମକୁ ଆସିଥିଲୁ। ଚଳିତବର୍ଷ ଦ୍ୱିତୀୟ ଥର ଆସିଛୁ। ମନ୍ଦିର ସମେତ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ ମନୋରମ । ଏଠାକୁ ଆସି ଶାନ୍ତି ମିଳୁଛି। ସୁଯୋଗ ମିଳିଲେ ଭବିଷ୍ୟତରେ ପୁଣି ଆସିବୁ।

-ଶ୍ରୀଚନ୍ଦ୍ର ରାଜପାଲ, ବାଙ୍ଗାଲୋର

# ମିଛୁ ହତ୍ୟା ମାମଲା: ଖୋର୍ଦ୍ଧାରୁ ୨ ଅଭିଯୁକ୍ତ ଗିରଫ

ଢେଙ୍କାନାଳ ଅଫିସ, ୨୦।୨



ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ୍ ମିଛୁ (୪୭) ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଅଭିଯୁକ୍ତ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳରୁ ଗୁରୁବାର ଧରାପଡ଼ିଛନ୍ତି। ସେମାନେ ହେଲେ ବାବାଜୀ ଷଣ୍ଢ (୩୪) ଏବଂ କାଳିଆ ମାଟି (୨୯)। ଉଭୟଙ୍କ ଘର ସ୍ଥାନୀୟ ଦୋଳମଣ୍ଡପ ସାହି ଅଞ୍ଚଳରେ। ଦୁଇଜଣଙ୍କୁ ଢେଙ୍କାନାଳ ଅଣାଯିବା ପରେ ଏସ୍‌ପି ଅନୁପମା ଜେମ୍‌ସଙ୍କ ଉପସ୍ଥିତିରେ ପଚରାଉଚୁରା କରାଯାଇଛି। ସେମାନଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ତଦନ୍ତ କରିଛି। ହତ୍ୟାରେ ବ୍ୟବହୃତ ଏକ କଟୁରିକୁ ଜବତ କରାଯାଇଛି। ବୁଧବାର ସକାଳେ କୌଣସି କାରଣକୁ ନେଇ ପୂର୍ଣ୍ଣଚନ୍ଦ୍ରଙ୍କ ସହିତ ବାବାଜୀ ଏବଂ କାଳିଆଙ୍କ ଗଣ୍ଡଗୋଳ ହୋଇଥିଲା। ଏହା ଧୀରେ ଧୀରେ ଜଟିଳ ରୂପ ନେଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଦୁଇ ଅଭିଯୁକ୍ତ ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଦୋଳମଣ୍ଡପ ସାହି ନିକଟରେ କଟୁରିରେ ହାଣି ପକାଇଥିଲେ। ଗୁରୁତର ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଘଟାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ. ୫୬/୨୦, ଦଫା ୩୦୨, ୩୪ ଏବଂ ୨୫ ଓ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ବାଘମାରୀ ଅଞ୍ଚଳରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଥାନାରେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ

ପରଜଙ୍ଗ, ୨୦।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନାରେ ବୁଧବାର ଜଣେ ନିଶାସକ୍ତ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ଆୟତ୍ତ କରିବାକୁ ଯାଇ ପୋଲିସ କର୍ମଚାରୀ ନାକେଦମ ହୋଇଥିଲେ। ସମ୍ପୃକ୍ତ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଡିହଡୋଳ ଗ୍ରାମର ଯୁଗଳ କିଶୋର ସାହୁ ବୁଧବାର ସନ୍ଧ୍ୟାରେ ମଦ୍ୟପାନ କରି କୌଣସି କାମରେ ଥାନାକୁ ଆସିଥିଲେ। ଡାଏରୀ ଚାର୍ଜ ଅଫିସର (ଡିସିଓ) ବ୍ରଜକିଶୋର ମଲ୍ଲିକଙ୍କୁ ସାକ୍ଷାତ କରିବା ସହ ଥାନା ଅଧିକାରୀଙ୍କୁ ଭେଟିବାକୁ କହିଥିଲେ। ତେବେ ନିଶାସକ୍ତ ଥିବାରୁ ସେ ଡିସିଓଙ୍କ ସମେତ ଥାନାରେ ଉପସ୍ଥିତ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ହତ୍ୟା ଧମକ ଦେବା ସହ ଆକ୍ରମଣ କରିଥିଲେ। ଏସବୁ ଘଟଣାର ଭିଡିଓ ପୋଲିସ ରେକର୍ଡିଂ କରିନେଇଥିଲା। ତାଙ୍କୁ ବହୁ କଷ୍ଟରେ କାବୁ କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ମଧ ଯୁବକ ଜଣକ ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ଡିସିଓଙ୍କ ଅଭିଯୋଗକ୍ରମେ ନଂ. ୩୯/୨୦, ଦଫା ୩୦୭, ୩୪୧, ୨୯୪, ୩୨୩, ୫୦୬, ୩୫୪, ୩୩୨, ୩୫୩ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ କାମାକ୍ଷାନଗରସ୍ଥିତ କାରାଗାରକୁ ପଠାଇ ଦିଆଯାଇଛି।

# ଆଜି ଜାଗର: ଚଳଚଞ୍ଚଳ କପିଳାସ



କପିଳାସ ପୀଠ।

ଢେଙ୍କାନାଳ ଅଫିସ, ୨୦।୨

ପ୍ରସିଦ୍ଧ ମହାଶିବରାତ୍ରି ଏବଂ ଜାଗରଯାତ୍ରାକୁ ନେଇ ଚଳଚଞ୍ଚଳ ହୋଇଉଠିଛି କପିଳାସ କ୍ଷେତ୍ରାଧିପତି ମହାପ୍ରଭୁ ଚନ୍ଦ୍ରଶେଖର ଜୀଉଙ୍କ ପୀଠ। ଜାଗରଯାତ୍ରା ଅବ୍ୟବହିତ ପୂର୍ବରୁ ଗୁରୁବାରଠାରୁ କପିଳାସକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଲାଣି। ଠାକୁରଙ୍କ ନୀତି ନିର୍ଦ୍ଧାରିତ ସମୟରେ ସାରିବାକୁ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମାଜିଷ୍ଟ୍ରେଟ, ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ଶୁକ୍ରବାର ରାତ୍ରକାଳୀନ ଷୋଡ଼ଶ ଉପଚାର ଜାଗର ପୂଜା ପାଇଁ ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ଦ୍ୱାରା କାର୍ଯ୍ୟ ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି । ଭୋର୍ ୩ଟାରୁ ୩ଟା ୫୦ ମଧ୍ୟରେ ଠାକୁରଙ୍କ ମହାସ୍ନାନ ସହିତ ନାଗାଭରଣ ବେଶ ଅନୁଷ୍ଠିତ ହେବ। ୪ଟା ୨୦ରେ ବେଢ଼ା ପରିକ୍ରମା ପରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଜାଗର ଯାତ୍ରାର ସମୀକ୍ଷା କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୧୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା କଡ଼ାକଡ଼ି ହୋଇଛି। ବାରବାଙ୍କ, ପାହାଚ ରାସ୍ତାକୁ ଆଲୋକୀକରଣ କରାଯିବା ସହ ପାନୀୟଜଳ ଯୋଗାଣ, ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଛି।

# ଧାନ ବିକିପାରୁନାହାନ୍ତି ଚାଷୀ

## ପଞ୍ଜୀକରଣରେ ଅନିୟମିତତା

ଢେଙ୍କାନାଳ ଅଫିସ, ୨୦।୨

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ସେବା ସମବାୟ ସମିତିରେ ଅନ୍‌ଲାଇନ ପଞ୍ଜୀକରଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଧାନ ବିକ୍ରିରୁ ବଞ୍ଚିତ ହେବା ପରେ ଅସନ୍ତୁଷ୍ଟ ଚାଷୀ ଗୁରୁବାର ଏ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚାଷୀଙ୍କ କହିବା କଥା, ଜମି ପରିମାଣ ଅନୁଯାୟୀ ସମବାୟ ସମିତି କର୍ତ୍ତୃପକ୍ଷ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିନାହାନ୍ତି। ଫଳରେ ସେମାନେ ଅମଳ ଧାନ ବିକ୍ରି କରିପାରିନାହାନ୍ତି। ଗୋଟିଏ ପଟେ ଧାନ ବ୍ୟବସାୟୀଙ୍କ ନାମ ଠିକ୍ ଭାବେ ପଞ୍ଜୀକରଣ କରାଯାଇଛି। ହେଲେ ଏଥିରୁ ଚାଷୀ ବାଦ୍‌ପଡ଼ିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ସମବାୟ ସମିତି ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରି ଅନିୟମିତତାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାଇମାଟିର ବିଷ୍ଣୁ ପ୍ରସାଦ ଦେହୁରୀ, ବ୍ରହ୍ମାନନ୍ଦ ବେହେରା, ଅଚ୍ୟୁତାନନ୍ଦ ବେହେରା, ଲୋଚାପଲିର ବାବୁଲି ପରିଡା, ଶଙ୍ଖୁଆର ଭ୍ରମରବର ବେହେରା, ହରେକୃଷ୍ଣପୁରର ନିରଞ୍ଜନ ବେହେରା ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ଜିଲା ଯୋଗାଣ ବିଭାଗ ଅଧିକାରୀ ସଞ୍ଜୀବ ସାହୁ କୁହନ୍ତି, ଡାଟାଏଣ୍ଟ୍ରି ଅପରେଟର ଚାଷୀଙ୍କ ଜମିର ପ୍ଲଟ ନମ୍ବର ପଞ୍ଜୀକରଣ କରିନାହାନ୍ତି । ଫଳରେ ସମସ୍ୟା ସୃଷ୍ଟି ହୋଇଛି। ନିର୍ଦ୍ଧାରିତ ସମୟରେ ଚାଷୀ ଅଭିଯୋଗ କରିନାହାନ୍ତି। ଏବେ କିଛି କରାଯାଇପାରିବନାହିଁ। ଚାଷୀମାନେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି।

# 'ମଣିଷର ପରିଚୟ ଭାଷା'

## ବିଶ୍ୱ ମାତୃଭାଷା ଦିବସ

କାମାକ୍ଷାନଗର, ୨୦।୨(ଡି.ଏନ.ଏ.)



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ବିଭିନ୍ନ ସ୍କୁଲରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଷାବିତ୍ ଡ. ପ୍ରଫୁଲ୍ଲ କୁମାର ପାଣି, ମୁଖ୍ୟବକ୍ତା ଶିକ୍ଷାବିତ୍ ଲୋକନାଥ ଷଡ଼ଙ୍ଗୀ ଯୋଗଦେଇଥିଲେ। ଭାଷା ହେଉଛି ଗୋଟିଏ ଜାତିର ପରିଚୟ। ଜନ୍ମକଲା ମା' ଭଳି ଭାଷା ମଧ ନିହାତି ଆବଶ୍ୟକ। ଯାହାର ଭାଷା ଯେତେ ଉନ୍ନତ ସେହି ମଣିଷ ଏବଂ ଜାତି ସେତେ ସମୃଦ୍ଧ। ଭାଷାର ସୁରକ୍ଷା ପାଇଁ ପରିବାରଠାରୁ ଆରମ୍ଭ କରି ଶିକ୍ଷାକ୍ଷେତ୍ର ଯାଏ ସମସ୍ତେ ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, କବିତା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ପଣ୍ଡା, ସମ୍ମାନିତ ଅତିଥି ପରିଚାଳନା କମିଟି ସହ ସମ୍ପାଦକ କେଦାର ଚନ୍ଦ୍ର ସାହୁ ଉପସ୍ଥିତ ରହି ମାତୃଭାଷାର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁଷ୍ମନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଉଭୟ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସମସ୍ୟା ବୁଝିବେ ସ୍ୱେଚ୍ଛାସେବୀ

ଢେଙ୍କାନାଳ ଅଫିସ, ୨୦।୨



ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ତାଲିମ କାର୍ଯ୍ୟକ୍ରମ।

- ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କୁ ପ୍ରଶିକ୍ଷଣ
- ହାଜତ, ଚିକିତ୍ସାଳୟ ପରିଦର୍ଶନ କରିବେ
- ଦୁର୍ବଳ ବର୍ଗଙ୍କୁ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ସ୍ଥାନୀୟ ଏଡିଆର ବିଲ୍ଡିଂ ସଭାଗୃହରେ ନୂତନ ଭାବେ ମନୋନୀତ ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ମଳୟ ରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ପାରାଲିଗାଲ ସ୍ୱେଚ୍ଛାସେବୀମାନେ ହାଜତ, ଚିକିତ୍ସାଳୟ, ପଞ୍ଚାୟତ କ୍ଲିନିକ ପରିଦର୍ଶନ କରିବେ। ଜେଲ ଅନ୍ତେବାସୀ, ରୋଗୀଙ୍କୁ କିଭଳି ସେବା ଯୋଗାଇ ଦିଆଯାଉଛି ତାହାର ତଦାରଖ କରିବେ। ପଛୁଆ, ଅସହାୟ, ଗରିବ ଏବଂ ଦୁର୍ବଳ ଶ୍ରେଣୀର ଲୋକେ କିପରି ନ୍ୟାୟ ପାରିପାରିବେ ସେ ଦିଗରେ କାର୍ଯ୍ୟ କରିବାକୁ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦିଆଯାଇଛି।

ଲୋକ ଅଦାଲତର ବିଭିନ୍ନ କାର୍ଯ୍ୟ, ସମସ୍ୟା ସମାଧାନ କ୍ଷେତ୍ରରେ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ଭୂମିକା ବିଷୟରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ବିରଞ୍ଚି କୁମାର ରଥ ବୁଝାଇଥିଲେ। ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ, ଆଇନ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିଜୟ ଚନ୍ଦ୍ର ମହାପାତ୍ର ଶ୍ରମ ଆଇନ, ପାରିବାରିକ ହିଂସା, ଫୌଜଦାରି, ଦେୱାନୀ ଆଇନ ବିଷୟରେ ଆଲୋକପାତ କରିଥିଲେ। ଆଇନଜୀବୀ ବିଧୁଭୂଷଣ ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସଞ୍ଜିତ କୁମାର ବେହେରା, ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ପ୍ରମୁଖ ଶିଶୁ ଅଧିକାର ଆଇନ ବିଷୟରେ ବିଶଦ ବିବରଣୀ ଦେଇଥିଲେ।

ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରତିମା ପଣ୍ଡା, ପରିବାର ଅଦାଲତ ବିଚାରପତି ଦୀପ୍ତିରଞ୍ଜନ କାନୁନ୍‌ଗୋ, ଅତିରିକ୍ତ ଜିଲାଜଜ୍ ରାଜକିଶୋର ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ, ବରିଷ୍ଠ ଦେୱାନୀ ବିଚାରପତି ଅଞ୍ଜନା ସ୍ୱାଇଁ, ସୁଶୀଲ ସାହୁ, ଗୀତାଞ୍ଜଳି ନନ୍ଦ, ଛାୟାକାନ୍ତ ଦାସ, ଏସ୍‌ଡିଜେଏମ୍ ଅଭିଜିତ କୁମାର ପୁରୋହିତ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ Dhenkanal, Friday , February 21 / 2020

## ସଂକ୍ଷେପରେ

### କମେଣ୍ଟ ମାରି ଛେଚା ଖାଇଲେ ଯୁବକ

ଛେଣ୍ଡିପଦା, ୨୦।୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବକ କେତେଜଣ ଯୁବତୀଙ୍କୁ କମେଣ୍ଟ ମାରିବା ପରେ ସ୍ଥାନୀୟ ଲୋକଙ୍କଠାରୁ ମାଡ଼ ଖାଇଥିବା ଗୁରୁବାର ଚର୍ଚ୍ଚାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ, ଥାନା ଅଞ୍ଚଳର କେତେଜଣ ଯୁବତୀଙ୍କୁ ଯୁବକ ଜଣକ କମେଣ୍ଟ ମାରିବାରୁ ଯୁବତୀମାନେ ତାହାର ପ୍ରତିବାଦ କରିଥିଲେ। ହେଲେ ଯୁବକ ଜଣକ ନ ମାନିବାରୁ ଯୁବତୀମାନେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ଅଞ୍ଚଳବାସୀ ସମ୍ପୃକ୍ତ ଯୁବକଙ୍କୁ ଏକ ଡାଲା ଅଟୋରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ଏ ନେଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ କନକ ମାଝି ପ୍ରକାଶ କରିଛନ୍ତି।

### ଟ୍ରକ୍ ଧକ୍କାରେ ୨ ଗାଈ ମୃତ

ଛେଣ୍ଡିପଦା, ୨୦।୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ଜରପଡା ଥାନା ୫୫ନଂ ଜାତୀୟ ରାଜପଥର କତଡା ନିକଟରେ ଟ୍ରକ୍ ଧକ୍କାରେ ଗୁରୁବାର ଦୁଇଟି ଗାଈର ମୃତ୍ୟୁ ହୋଇଛି। ଆଉ ୩ଟି ଗାଈ ଗୁରୁତର ହୋଇଛନ୍ତି। କତଡା ଗ୍ରାମର ଜଣେ ବ୍ୟକ୍ତି ଗାଈ ନେଇ ଅପରାହ୍ନ ୧ଟା ବେଳେ ରାଜପଥରେ ଘରକୁ ଫେରୁଥିବା ବେଳେ ଏକ ଦ୍ରୁତଗାମୀ ଟ୍ରକ୍ ଗାଈପଲଙ୍କ ଭିତରେ ପଶି ଯାଇଥିଲା। ଘଟଣାସ୍ଥଳରେ ଦୁଇଟି ଗାଈର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଟ୍ରକ୍ ଅଟକାଇ ରଖିଥିଲେ। ଖବରପାଇ ଜରପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ସହିତ ଟ୍ରକ ଓ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

# ହାତୀ ଉଠାଇ ପାରି ନ ଥିଲା ଶିଳା



ବରାଳ ବାଲୁଙ୍କେଶ୍ୱର ଶୈବପୀଠ।

**ଆଜି ଜାଗର ଯାତ୍ରା**
- ଭୋର ୩ଟାରେ ଉଠିବ ମହାଦୀପ
- ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା
- ପଲିଥିନ ମୁକ୍ତ ହେବ ଯାତ୍ରା ପଡିଆ

ଛେଣ୍ଡିପଦା, ୨୦।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଟାଙ୍ଗିର ପଞ୍ଚାୟତ ପୁରୁଣାଗଡସ୍ଥିତ ଶ୍ରୀ ବରାଳ ବାଲୁଙ୍କେଶ୍ୱର ମନ୍ଦିରରେ ପାଳନ ହେବ ପ୍ରସିଦ୍ଧ ଜାଗର ଯାତ୍ରା। ଏଥିପାଇଁ ଉତ୍ସବମୁଖର ହୋଇଉଠିଛି ଏହି ଶୈବପୀଠ। ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ସମସ୍ୟା, ପାନୀୟ ଜଳ, ଅନ୍ନପ୍ରସାଦ ବଣ୍ଟନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଆଦି ନେଇ ମନ୍ଦିର କମିଟିର ସଦସ୍ୟମାନଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ବିଶେଷ କରି ଯାତ୍ରାକୁ ବାହାରୁ ଆସୁଥିବା ଦୋକାନୀ ତଥା ଜନସାଧାରଣଙ୍କର ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଯାତ୍ରା ପଡିଆକୁ ପଲିଥିନ ମୁକ୍ତ କରାଯିବା ପାଇଁ କମିଟି ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଜଣାଯାଇଛି। ତେବେ ଏଠାରେ ଶୈବପୀଠକୁ ନେଇ ରହିଛି ରୋଚକ କିମ୍ବଦନ୍ତୀ ଯାହା ସ୍ଥାନୀୟ ବରିଷ୍ଠ ଲୋକଙ୍କଠାରୁ ଶୁଣିବାକୁ ମିଳେ। ଲୋକକଥା ଅନୁଯାୟୀ, ପ୍ରାୟ ୧୨୦୦ ଖ୍ରୀଷ୍ଟାବ୍ଦରେ ପୂର୍ବବରାଳ ନାମଧାରୀ ଜଣେ ଗାଈ ଜଗୁଆଳି ଗୋରୁ ଚରାଇବା ପାଇଁ ଜଙ୍ଗଲକୁ ଯାଉଥିଲେ। ଜଙ୍ଗଲରେ ଏକ କାଳୀ ଗାଈ ପଡ଼ିଥିବା ଶିଳାଖଣ୍ଡ ଉପରେ କ୍ଷୀର ଦେଉଥିବା ଦେଖି ଜଗୁଆଳି ଆଶ୍ଚର୍ଯ୍ୟ ହେବା ସହ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଅନୁଗୋଳର ଅନୁକନ୍ଧ ରାଜା ପୁରୁଣାଗଡ ଗ୍ରାମକୁ ଆସି ହାତୀ ସାହାଯ୍ୟରେ ଉକ୍ତ ଶିଳାକୁ ଉଠାଇବା ପାଇଁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ସେବେଠାରୁ ସେଠାରେ ଜଗୁଆଳି ବରାଳଙ୍କ ନାମ ଯୋଡି ଉକ୍ତ ଶିଳାର ନାମ ବରାଳ ବାଲୁଙ୍କେଶ୍ୱରରେ ନାମିତ କରାଯିବା ସହ ପୂଜାର୍ଚ୍ଚନା କରାଯାଉଛି। ପ୍ରତିବର୍ଷ ଶହ ଶହ ମାନସିକଧାରୀ ଏଠାକୁ ଆସି ମାନସିକ ପୂରଣ ନିମନ୍ତେ ପୂଜାର୍ଚ୍ଚନା କରିଥାନ୍ତି।




ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ବିରଞ୍ଚି ଗଡନାୟକଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ସସ୍ମିତା ପ୍ରଧାନ, ମନ୍ଦିର ପୂଜକ, ବୋର୍ଡର ସଦସ୍ୟ ଓ ଗ୍ରାମ୍ୟ କମିଟିର ସଦସ୍ୟମାନେ ଯୋଗଦେଇ ପୂଜା ସୂଚାରୁ ରୁପେ ସମ୍ପାଦନ ଉପରେ ଏକ ବୈଠକରେ ଆଲୋଚନା କରିଥିଲେ। ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ପରିଷ୍କାର ପରିଚ୍ଛନ୍ନ ଓ ଭକ୍ତମାନଙ୍କ ନିମନ୍ତେ ଶୃଙ୍ଖଳିତ ଭାବେ ଠାକୁର ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୪ଟି ପ୍ରହର ପୂଜା ସରିବା ପରେ ରାତି ୩ଟାବେଳେ ମହାଦୀପ ଉଠାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ବରାଳ ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡର ସଦସ୍ୟ ଶମ୍ଭୁ ପ୍ରଧାନ, ସୁଦାମ ଗଡନାୟକ, ସୁଧାକର ଗଡନାୟକ, ନାରଦ ବିଶ୍ୱାଳ, କେଦାର ସାହୁ, ଡିଲେଶ୍ୱର ସାହୁ, ତପନ କୁମାର ସାହୁ, ବାସୁଦେବ ବେହେରା, ମନ୍ଦିର ପୂଜକ ପ୍ରମୋଦ ମହାପାତ୍ର, ଶ୍ରୀବତ୍ସ ମହାପାତ୍ର ଏବଂ ଗ୍ରାମ୍ୟ କମିଟି ସଭାପତି ରୋହିତ କୁମାର ସାହୁ, ସମ୍ପାଦକ କେଶବ ଗଡନାୟକ, କୋଷାଧ୍ୟକ୍ଷ କରୁଣାକର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିବା ସହ କର୍ମକର୍ତ୍ତାଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିଥିଲେ।


ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ।

# ଦେଉଳଝରିରେ ରାତି ୧୧ଟା ୫୮ରେ ଉଠିବ ମହାଦୀପ


ଦେଉଳଝରି ଶୈବପୀଠ।

ଆଠମଲ୍ଲିକ, ୨୦।୨(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନ କେନ୍ଦ୍ର ଦେଉଳଝରିରେ ଜାଗରଯାତ୍ରା ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାତି ୧୧ଟା ୫୮ରେ ଏଠାରେ ମହାଦୀପ ଉଠିବ ବୋଲି ସ୍ଥିର କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗୁରୁବାର ଆଠମଲ୍ଲିକ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ରଜନୀକାନ୍ତ ବିଶ୍ୱାଳ, ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାସ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଦେଉଳଝରୀ ଯାଇ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଯାତ୍ରାସ୍ଥଳରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ପାନୀୟ ଜଳ, ଆମ୍ବୁଲାନ୍ସ, ଦମକଳ ବାହିନୀ, ପୋଲିସ ସହିତ ଏନ୍‌ସିସି ବାହିନୀର ବ୍ୟବସ୍ଥା କରାଯାଇଛି। ଉତ୍ସବ ଅବସରରେ ଭଜନ ସମାରୋହ ଆୟୋଜନ କରାଯାଇଛି। ଯାତ୍ରାଦିନ ପ୍ରଭୁ ସିଦ୍ଧେଶ୍ୱରଙ୍କ ଅଭିଷେକ କରାଯାଇ ପୂଜାର୍ଚ୍ଚନା ପରେ ମହାଦୀପ ଉଠିବ। ସେହିପରି ଅଏଡା ଶିବ ମନ୍ଦିରରେ ଜାଗର ଉପଲକ୍ଷେ ବିଶାଳ କଳସ ଯାତ୍ରାର ଆୟୋଜନ କରାଯାଇଛି।

# ମହିଳା ସରପଞ୍ଚଙ୍କୁ ଗାଳିଗୁଲଜ ଅଭିଯୋଗ

ବଇଣ୍ଡା,୨୦।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ଠେଲକନାଳୀ ପଞ୍ଚାୟତର ସରପଞ୍ଚ ପ୍ରମୋଦିନୀ ନାୟକଙ୍କୁ ଗତିକୃଷ୍ଣପୁର ଗ୍ରାମର ସନ୍ତୋଷ ସାହୁ, ଅଶୋକ ପ୍ରଧାନ, ବୃନ୍ଦାବନ ପ୍ରଧାନ, ଦେବ ସାହୁ, ସିଲୁ ସାହୁ, ମନୋଜ ପ୍ରଧାନ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ବୁଧବାର ପ୍ରମୋଦିନୀ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଗତିକୃଷ୍ଣପୁର ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ବିବାଦ ଲାଗି ରହିଛି। ଏହାକୁ କେନ୍ଦ୍ର କରି ତାଙ୍କୁ ଗାଳିଗୁଲଜ କରାଯାଇଥିବା ମହିଳା ସରପଞ୍ଚ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।




# ଶିବରାତ୍ରି ପାଇଁ ପୋଲିସର ପ୍ରସ୍ତୁତି

**ଅନୁଗୋଳ ଅଫିସ, ୨୦।୨:** ମହାଶିବରାତ୍ରି ପାଇଁ ସହରର ବିଭିନ୍ନ ମନ୍ଦିରରେ ହେବାକୁ ଥିବା ଭିଡ଼କୁ ଲକ୍ଷ୍ୟ କରି ଅନୁଗୋଳ ପୋଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ସହର ଓ ଉପକଣ୍ଠରେ ଥିବା ବିଭିନ୍ନ ଶୈବପୀଠରେ ଗୋଟିଏ ସେକ୍ସନ ଫୋର୍ସ ସହ ଜଣେ ଲେଖାଏ ଅଧିକାରୀଙ୍କୁ ନିୟୋଜିତ କରାଯିବ। ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଏହାର ତଦାରଖ କରିବେ। ପୋଲିସ ସହ ରିଜର୍ଭ ପୋଲିସ ମୁତୟନ ହେବେ ବୋଲି ଅନୁଗୋଳ ଥାନା ପକ୍ଷରୁ ସୂଚନା ମିଳିଛି।




### ସ୍ତ୍ରୀଙ୍କୁ କୋଦାଳରେ ଆକ୍ରମଣ

ଭଣ୍ଡାରିପୋଖରୀ, ୨୦।୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ସରସଦା ପଞ୍ଚାୟତ ଅଧୀନ ପିରିପୁର ଗ୍ରାମରେ ଘରୋଇ କଳହରୁ ସ୍ୱାମୀଙ୍କ କୋଦାଳ ଆକ୍ରମଣରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ କଳିଝଗଡ଼ା ହେଉଥିଲା। ଏ ନେଇ ବାରମ୍ବାର ଥାନାକୁ ଅଭିଯୋଗ ଆସୁଥିଲେ ମଧ୍ୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସମାଧାନ ହୋଇଯାଉଥିଲା। ବୁଧବାର ରାତିରୁ ଟଙ୍କାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଗୁରୁବାର ଏହି ଝଗଡ଼ା ଉଗ୍ରରୂପ ଧାରଣ କରିଥିଲା। ବ୍ୟକ୍ତି ଜଣଙ୍କ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡ ଓ ମୁହଁକୁ କୋଦାଳ ସାହାଯ୍ୟରେ ଆକ୍ରମଣ କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ପିରିପୁରରେ ପହଞ୍ଚି ଗୁରୁତର ମହିଳାଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ